ପ୍ରଜାତନ୍ତ୍ର
The Prajatantra
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ
80th YEAR OF PUBLICATION
ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ
fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org
୮୦ବର୍ଷ ❑ ସଂଖ୍ୟା-୬୮ ● କଟକ ● ବୁଧବାର ● ୧୪ ଅକ୍ଟୋବର-୨୦୨୬ ● ତୁଳା-୧୭ ● ସାଲ୍-୧୪୩୧
KATAKA ● WEDNESDAY ● 14 OCTOBER-2026 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

## ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ

# ୧୧ ବିଭାଗର ୧୬ ପ୍ରସ୍ତାବକୁ ମଞ୍ଜୁରୀ

**ନୂଆଦିଲ୍ଲୀ,(ପିପିଏସ୍):** ପ୍ରାଥମିକ ଓ ମାଧ୍ୟମିକ ସ୍କୁଲ ଶିକ୍ଷକମାନଙ୍କୁ ରାଜ୍ୟ ସରକାର ଦେଇଛନ୍ତି ଦଶହରା ପୂଜା ଭେଟି। ସେମାନଙ୍କର ଦୀର୍ଘଦିନର ଦାବିକୁ ଗ୍ରହଣ କରି ନୂଆ ସର୍ଭିସ ରୁଲ୍‌ସକୁ ମଞ୍ଜୁରୀ ସହ ହିନ୍ଦୀ-ସଂସ୍କୃତ ଶିକ୍ଷକଙ୍କୁ ରାଜ୍ୟ କ୍ୟାଡର ମାନ୍ୟତା ଓ ପ୍ରାଥମିକ ସ୍କୁଲ ଶିକ୍ଷକଙ୍କ ବରିଷ୍ଠତା ବିବାଦର ସମାଧାନ କରିଛନ୍ତି। ଏସବୁ ପ୍ରସ୍ତାବ ସମେତ ମୋଟ୍ ୧୬ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ସରକାରୀ ହାଇସ୍କୁଲ ଶିକ୍ଷକମାନଙ୍କ ସେବା ସମ୍ବନ୍ଧୀୟ ଦୀର୍ଘଦିନର ଅସଙ୍ଗତିକୁ ସମାଧାନ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ୧୯୯୩ ମସିହାର ପୁରୁଣା ନିୟମକୁ ବଦଳାଇ ନୂତନ 'ଓଡ଼ିଶା ମାଧ୍ୟମିକ ଶିକ୍ଷା (ନିଯୁକ୍ତି ପ୍ରଣାଳୀ ଓ ସେବା ସର୍ତ୍ତାବଳୀ) ରୁଲସ୍- ୨୦୨୬' ପ୍ରଣୟନକୁ ଅନୁମୋଦନ ଦେଇଛନ୍ତି। ଏହି ନୂଆ ରୁଲସ୍ ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ସମସାମୟିକ ମାନଦଣ୍ଡ ଅନୁଯାୟୀ ହେବା ସହ ଏକ ସମାନ ରାଜ୍ୟସ୍ତରୀୟ କ୍ୟାଡର ବ୍ୟବସ୍ଥା ସୃଷ୍ଟିହେବ। ବିଶେଷକରି ହାଇସ୍କୁଲର ହିନ୍ଦୀ ଓ ସଂସ୍କୃତ ଶିକ୍ଷକମାନଙ୍କୁ ରାଜ୍ୟସ୍ତରୀୟ କ୍ୟାଡର ମାନ୍ୟତା ସହିତ ପଦୋନ୍ନତି ସୁବିଧା ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ପ୍ରାଥମିକ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟରତ ଶିକ୍ଷକ ଓ ଅଧିକାରୀମାନଙ୍କ ବରିଷ୍ଠତା ନିର୍ଦ୍ଧାରଣକୁ ନେଇ ଥିବା ବିବାଦର ସ୍ଥାୟୀ ସମାଧାନ କରାଯାଇଛି। 'ଓଡ଼ିଶା ପ୍ରାଥମିକ ଶିକ୍ଷା(ନିଯୁକ୍ତି ପଦ୍ଧତି ଏବଂ ଶିକ୍ଷକ ଓ ଅଧିକାରୀମାନଙ୍କ ସେବା ସର୍ତ୍ତାବଳୀ) ନିୟମାବଳୀ, ୧୯୯୭'ର ନିୟମ-୧୫(୬) ରେ ସଂଶୋଧନ କରାଯାଇଛି। ପୂର୍ବ ନିୟମ ଅନୁସାରେ ସ୍ତର-୨ ବା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ(ଏବିଇଓ) କ୍ୟାଡରରେ କେବଳ ସେବା ଅବଧି ଆଧାରରେ ବରିଷ୍ଠତା ଧାର୍ଯ୍ୟ ହେଉଥିବାରୁ ଜଣେ କନିଷ୍ଠ କର୍ମଚାରୀ ବରିଷ୍ଠଙ୍କ ଉପରେ ରହିଯାଉଥିଲେ। ଏବେ ଏହି ତ୍ରୁଟି ଦୂର କରାଯାଇ ସ୍ତର-୩ ଚୟନ ତାଲିକାର ସ୍ଥାନ ଅନୁଯାୟୀ ବରିଷ୍ଠତା ସ୍ଥିର କରିବାକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଶିକ୍ଷାକ୍ଷେତ୍ରକୁ ଅଧିକ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ 'ନିଃଶୁଳ୍କ ପାଠ୍ୟପୁସ୍ତକ ଯୋଗାଣ' ଯୋଜନାକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଯେଉଁଥିରେ ଆଗାମୀ ୫ବର୍ଷ ପାଇଁ ୨୮୪.୦୭ କୋଟି ଟଙ୍କା ବ୍ୟୟରେ ସରକାରୀ ଓ ଅନୁଦାନପ୍ରାପ୍ତ ହାଇସ୍କୁଲର ନବମ ଓ ଦଶମ ଶ୍ରେଣୀର ୨୮.୭୦ ଲକ୍ଷ ଛାତ୍ରଛାତ୍ରୀଙ୍କୁ (ଏସ୍‌ସି/ଏସ୍‌ଟି ବ୍ୟତୀତ) ମାଗଣାରେ ବହି ଯୋଗାଇ ଦିଆଯିବ। ଶିକ୍ଷା ବ୍ୟତୀତ ରାଜ୍ୟର ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ କ୍ୟାବିନେଟ୍‌ରେ ବଡ଼ ଘୋଷଣା କରାଯାଇଛି। ରାଜ୍ୟର ୪.୨୦ ଲକ୍ଷ ଯୁବକଯୁବତୀଙ୍କୁ ଯୁଗପଯୋଗୀ ଭାବେ ପ୍ରଶିକ୍ଷିତ କରିବା ପାଇଁ କ୍ୟାବିନେଟ୍ ୪୫୦କୋଟି ଟଙ୍କାର ବ୍ୟୟବରାଦରେ 'ଦକ୍ଷତା ବିକାଶ ଯୋଜନା'କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ୨୦୨୬-୨୭ରୁ ୨୦୨୮-୨୯ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଲାଗୁହେବାକୁ ଥିବା ଏହି ଯୋଜନା ଜରିଆରେ ୩ଲକ୍ଷ ଯୁବବର୍ଗଙ୍କୁ କୃତ୍ରିମ ବୁଦ୍ଧିମତା(ଏଆଇ), କ୍ଲାଉଡ୍ କମ୍ପ୍ୟୁଟିଂ, ଡାଟା ଆନାଲିଟିକ୍ସ ଓ ସାଇବର ସୁରକ୍ଷା ଭଳି ଉଦୀୟମାନ କ୍ଷେତ୍ରରେ ଡିଜିଟାଲ୍ ତାଲିମ ଦିଆଯିବ। ଏହାସହ ୧.୧୭ ଲକ୍ଷଙ୍କୁ ସ୍ୱଳ୍ପମିଆଦୀ ପ୍ରଶିକ୍ଷଣ, ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍କିଲ୍ ହବ୍ ସ୍ଥାପନ, ଜର୍ମାନ ଓ ଜାପାନୀ ଭାଷା ଶିକ୍ଷା ସହିତ ବିଦେଶ ନିଯୁକ୍ତି ସହାୟତା ଓ ଦିବ୍ୟାଙ୍ଗ ତଥା ଜେଲ୍ ଅନ୍ତେବାସୀଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏହି କାର୍ଯ୍ୟକ୍ରମକୁ ସୁରୁଖୁରୁରେ ପରିଚାଳନା କରିବାକୁ ୪୦ଜଣ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଫେଲୋ ନିୟୋଜିତ ହେବା ସହ 'ସ୍କିଲ୍ଡ-ଇନ୍-ଓଡ଼ିଶା ଡିଜିଟାଲ୍ ହବ୍' ସ୍ଥାପନ ହେବ। ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ଉନ୍ନତ ବିହନ ଓ ସାର ଯୋଗାଇବା ପାଇଁ ଓଡ଼ିଶା ରାଜ୍ୟ ବିହନ ନିଗମ ଓ ଓଡ଼ିଶା ରାଜ୍ୟ ସମବାୟ ମାର୍କେଟିଂ ଫେଡେରେସନକୁ ୧୩୬୦ କୋଟି ଟଙ୍କାର ସୁଧମୁକ୍ତ କର୍ପସ୍ ପାଣ୍ଠି ମଞ୍ଜୁର କରାଯାଇଛି। ସହରୀ ଭିତ୍ତିଭୂମିର ଉନ୍ନତି ପାଇଁ କଟକ ମହାନଦୀ ରିଭରଫ୍ରଣ୍ଟ ସମନ୍ୱିତ ବିକାଶ ପ୍ରକଳ୍ପ ଲାଗି ୧୩୩.୭୧ କୋଟି ଟଙ୍କା ଓ ବଲାଙ୍ଗିର ସଇଁତଳାରେ ଇନଷ୍ଟ୍ରିମ୍ ଜଳାଶୟ ନିର୍ମାଣ ପାଇଁ ୧୦୫.୬୨ କୋଟି ଟଙ୍କାର ଟେଣ୍ଡର ଅନୁମୋଦିତ ହୋଇଛି। ଏହାସହ କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ପ୍ରାୟ ୧୭୬.୮୩ କୋଟି ଟଙ୍କା ବ୍ୟୟରେ ଏକ ଡିଜିଟାଲ୍ ବିପର୍ଯ୍ୟୟ ପୁନରୁଦ୍ଧାର-ସହ-ତଥ୍ୟ କେନ୍ଦ୍ର ସ୍ଥାପନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁର କରିଛନ୍ତି, ଯାହା ସରକାରୀ ଡିଜିଟାଲ୍ ସେବାକୁ ସୁରକ୍ଷିତ ଓ ନିରବଚ୍ଛିନ୍ନ ରଖିବ। ଜଳସମ୍ପଦ ବିଭାଗରେ ଡିପ୍ଲୋମା ଯନ୍ତ୍ରୀଙ୍କ କ୍ୟାଡର ପୁନର୍ବିନ୍ୟାସ, ଶିଳ୍ପନୀତି ୨୦୨୨ରେ ଷ୍ଟାମ୍ପ୍‌ଶୁଳ୍କ ସଂଶୋଧନ ଓ ରାଇରଙ୍ଗପୁରରେ ଡାକ ବିଭାଗର ବିଭିନ୍ନ କାର୍ଯ୍ୟାଳୟ ନିର୍ମାଣ ପାଇଁ ମାଗଣାରେ ଜମି ହସ୍ତାନ୍ତର ଭଳି ବହୁ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି। କ୍ୟାବିନେଟ୍ ବୈଠକରେ ୧୧ଟି ବିଭାଗର ୧୬ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବୈଠକ ପରେ ଶାସନ ମୁଖ୍ୟ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର କାର୍ଯ୍ୟକାଳ ପୂର୍ଣ୍ଣ ହୋଇଥିବାରୁ ତାଙ୍କୁ ଅଭିନନ୍ଦନ ଜଣାଇ ଓଡ଼ିଶା ରାଜ୍ୟ କ୍ୟାବିନେଟ୍‌ରେ ସଂକଳ୍ପ ପାରିତ ହୋଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସୂଚନା ଦେଇଛନ୍ତି।

'ଓଡ଼ିଶା ମାଧ୍ୟମିକ ଶିକ୍ଷା(ନିଯୁକ୍ତି ପ୍ରଣାଳୀ ଓ ସେବା ସର୍ତ୍ତାବଳୀ) ରୁଲସ୍'ଅନୁମୋଦିତ

'ନିଃଶୁଳ୍କ ପାଠ୍ୟପୁସ୍ତକ ଯୋଗାଣ ଯୋଜନା'ରେ ଲାଗିଲା ମୋହର

'ଦକ୍ଷତା ବିକାଶ ଯୋଜନା'ରେ ୩ଲକ୍ଷ ଯୁବକ-ଯୁବତୀଙ୍କୁ ତାଲିମ୍

ସ୍ଥାପନ ହେବ 'ସ୍କିଲ୍ଡ-ଇନ୍-ଓଡ଼ିଶା ଡିଜିଟାଲ୍ ହବ୍'



# ଖାଉଟିଙ୍କୁ ମହଙ୍ଗା ମାଡ଼

## ଡାଲି, ଚାଉଳ ଦରକୁ ନେଇ ହାଣ୍ଡିଶାଳରେ ନିଆଁ

**ନୂଆଦିଲ୍ଲୀ,(ପିପିଏସ୍):** ବଢୁଛି ମୁଦ୍ରାସ୍ଫୀତି, ଉତ୍କଟ ହେଉଛି ଖାଦ୍ୟ ମୁଦ୍ରାସ୍ଫୀତି। ଅଗଷ୍ଟ ଅପେକ୍ଷା ସେପ୍ଟେମ୍ବରରେ ୦.୭୧ ପ୍ରତିଶତ ବଢ଼ିଲାଣି ଇନଫ୍ଲେସନ୍। ଗ୍ରାମାଞ୍ଚଳ ପରିବାର ଉପରେ ବଢ଼ିଚାଲିଛି ଆର୍ଥିକ ଚାପ। ସବୁ ଦରଦାମ ଆକାଶଛୁଆଁ। ମହଙ୍ଗା ମାଡ଼ ଭିତରେ ଚିନ୍ତା ବଢ଼ାଇଛି ଡାଲି ଓ ଚାଉଳର ମୂଲ୍ୟ। ମାସକ ଭିତରେ ଡାଲି ୨୦ରୁ ୨୫ଟଙ୍କା ଏବଂ ଚାଉଳ ୧୦ରୁ ଅଧିକ ଟଙ୍କା ବଢ଼ିଛି। ଅର୍ଥାତ ଆଗକୁ ଭାତ ଡାଲି ଗଣ୍ଡିଏ ଖାଇବା ବି ମୁସ୍କିଲ ହେବ। ସେପଟେ ହୁହୁ ହୋଇ ବଢ଼ିଚାଲିଥିବା ଦରଦାମକୁ ନେଇ ରାଜନୀତି ବି ତେଜିଛି। ଦୁଇ ମାସ ତଳେ ସରୁ ଲଚକରି ଅରୁଆ ଚାଉଳ କେଜି ପିଛା ୬୦ଟଙ୍କା ଥିଲା, ଏବେ କେଉଁଠି ୮୦ ତ କେଉଁଠି ୮୫। ୬୫ରୁ କମ୍‌ରେ ମିଳୁନି ଜିରା ରାଇସ୍। ଆଉ ୩୫ଟଙ୍କିଆ ସାଧାରଣ ଚାଉଳ ଏବେ ୪୦ ହୋଇଗଲାଣି। ବେପାରୀ କହୁଛନ୍ତି, ଆଗକୁ ଦର ଆହୁରି ବଢ଼ିପାରେ। ଡାଲି ବି ମାସକ ଭିତରେ ମହଙ୍ଗା ହେଲାଣି ୨୦ରୁ ୨୫ଟଙ୍କା। ହରଡ଼ ୧୨୦ଟଙ୍କା ଥିଲା ଏବେ ୧୪୦, ମୁଗ ଡାଲି ୧୦୦ରୁ ୧୧୨ ଟଙ୍କା। ବୁଟ ଡାଲି ବି ବଢ଼ିଛି। ମହଙ୍ଗା ଡାଲି-ଚାଉଳ ପାଇଁ ଛୋଟ ହୋଟେଲ ବ୍ୟବସାୟୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଦର ବଢ଼ାଇଲେ ଗ୍ରାହକ ଖାଇବେନି, ନ ବଢ଼ାଇଲେ ଘାଟା। ପୂର୍ବରୁ ମହଙ୍ଗା ପନିପରିବା ଓ ରାସନ ସାମଗ୍ରୀ ପାଇଁ ମିଲ୍ସ ରେଟ୍ ବଢ଼ାଇଥିଲେ, ଏବେ ପୁଣି କେମିତି ବଢ଼ାଇବେ ସେହି ଚିନ୍ତା ଘାରିଛି। ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ଲଗାତାର ବଢ଼ିଚାଲିଛି। ଅଗଷ୍ଟରେ ଏହା ୪.୮୩ ଥିଲା, ସେପ୍ଟେମ୍ବରରେ ୫.୫୪%ରେ ପହଞ୍ଚିଛି। ଯାହା ଗତ ୨୨ ମାସ ମଧ୍ୟରେ ସର୍ବାଧିକ। ଖାଦ୍ୟ ସାମଗ୍ରୀର ଦାମ ବୃଦ୍ଧି ଏବଂ ବିଶ୍ୱସ୍ତରରେ ତେଲ ଦର ବଢ଼ିବା କାରଣରୁ ମୁଦ୍ରାସ୍ଫୀତି, ଆର୍‌ବିଆଇର ନିର୍ଦ୍ଧାରିତ ୬% ସୀମା ପାଖାପାଖି ପହଞ୍ଚିଯାଇଛି। ଖାଦ୍ୟ ମୁଦ୍ରାସ୍ଫୀତି ମଧ୍ୟ ଅଗଷ୍ଟର ୫.୯୭ରୁ ସେପ୍ଟେମ୍ବରରେ ୭.୭୪%କୁ ବୃଦ୍ଧି ପାଇଛି। ପିଆଜ ଦର ୧୦୮% ବୃଦ୍ଧି ପାଇଥିବା ବେଳେ ଅଦା ଓ ରସୁଣ ଭଳି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦାମ ହୁହୁ ହୋଇ ବଢୁଛି। ସହରାଞ୍ଚଳରେ ମୁଦ୍ରାସ୍ଫୀତି ୪.୮୮% ଥିବା ବେଳେ ଗ୍ରାମାଞ୍ଚଳରେ ୬.୦୮% ରହିଛି। ଫଳରେ ଗ୍ରାମୀଣ ପରିବାର ଉପରେ ଅଧିକ ଆର୍ଥିକ ଚାପ ପଡୁଛି। ଓଡ଼ିଶାରେ ବି ମୁଦ୍ରାସ୍ଫୀତି ହାର ଉତ୍କଟ। ୫୦ଲକ୍ଷରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ୫ରାଜ୍ୟ ମଧ୍ୟରେ ଦ୍ୱିତୀୟରେ ରହିଛି ଓଡ଼ିଶା। ସେପ୍ଟେମ୍ବରରେ ମୁଦ୍ରାସ୍ଫୀତି ହାର ୬.୭୦ ରହିଥିଲା। ସେହିପରି ଖାଦ୍ୟ ମୁଦ୍ରାସ୍ଫୀତିରେ ୯.୫୮ ସହ ରାଜ୍ୟର ସ୍ଥାନ ତୃତୀୟରେ ରହିଛି। ରକେଟ୍ ବେଗରେ ବଢୁଥିବା ଦରଦାମକୁ ନେଇ ତେଜିଛି ରାଜନୀତି। ଏହାରି ଭିତରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣପାଇଁ ଆର୍‌ବିଆଇ ନିକଟରେ ରେପୋ ରେଟ୍ ୨୫ ବେସିସ୍ ପଏଣ୍ଟ ବଢ଼ାଇ ୫.୫%କୁ ବୃଦ୍ଧି କରିଛି। ୨୦୨୩ ଫେବୃଆରୀ ପରେ ଏହା ରେପୋ ରେଟ୍‌ରେ ପ୍ରଥମ ବୃଦ୍ଧି। ଫଳରେ ହୋମ୍ ଲୋନ୍, କାର୍ ଲୋନ୍ ଏବଂ ପର୍ସନାଲ ଲୋନ୍‌ର ଇଏମ୍ଆଇ ବଢ଼ିପାରେ।



## ୭% ହେବ ଭାରତର ଜିଡିପି ଅଭିବୃଦ୍ଧି

**ନୂଆଦିଲ୍ଲୀ:** ଆର୍ଥିକ ଅନିଶ୍ଚିତତା, ଅଶୋଧିତ ତୈଳ ଦର ବୃଦ୍ଧି ଓ ଦେଶ ଦେଶ ଭିତରେ ବଢୁଥିବା ଭୂ-ରାଜନୈତିକ ଉତ୍ତେଜନା ମଧ୍ୟରେ ଭାରତୀୟ ଅର୍ଥନୀତି ସୁଦୃଢ଼ ରହିଛି । ଭାରତର ଜିଡିପି ଅଭିବୃଦ୍ଧିକୁ ନେଇ ନିଜର ଆକଳନ ବଢ଼ାଇଛି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)। ୨୦୨୬ ଓ ୨୦୨୭ ବର୍ଷରେ ଭାରତର ଅର୍ଥନୀତି ୭% ହାରରେ ବୃଦ୍ଧି ହେବ ବୋଲି ଆଇଏମ୍ଏଫ୍ ଆକଳନ କରିଛି। ଆଇଏମ୍ଏଫ୍ ୨୦୨୬ ବର୍ଷ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ପୂର୍ବାନୁମାନକୁ ୭%କୁ ବୃଦ୍ଧି କରିଛି, ଯାହା ଜୁଲାଇରେ ୬.୪% ରହିଥିଲା। ପୂର୍ବ ଆକଳନ ତୁଳନାରେ ୦.୬% ପଏଣ୍ଟ ବୃଦ୍ଧିହୋଇଛି। ଏହା ଏପ୍ରିଲ ଆକଳନ ଠାରୁ ୦.୫% ପଏଣ୍ଟ ବୃଦ୍ଧି ହୋଇଛି। ଆଇଏମ୍ଏଫ୍ ୨୦୨୭ ବର୍ଷ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ପୂର୍ବାନୁମାନକୁ ୭%କୁ ବୃଦ୍ଧିକରିଛି, ଯାହା ଜୁଲାଇ ଆକଳନ ଠାରୁ ୦.୩% ପଏଣ୍ଟ ଏବଂ ଏପ୍ରିଲ ଆକଳନଠାରୁ ୦.୫ % ପଏଣ୍ଟ ଅଧିକ ରହିଛି।

## ବାତ୍ୟା ନାହିଁ, ଜମିବ ଦଶହରା !

**ଭୁବନେଶ୍ୱର,(ପିପିଏସ୍):** ଚଳିତବର୍ଷ ଦଶହରା ସମୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ପାଗ ଶୁଖିଲା ରହିବାର ସମ୍ଭାବନା ରହିଛି। କିନ୍ତୁ ଦକ୍ଷିଣ ଉପକୂଳ ଓ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ଜିଲ୍ଲାରେ ହାଲୁକାରୁ ମଧ୍ୟମ ବର୍ଷା ହୋଇପାରେ। ଅନ୍ୟପକ୍ଷରେ, ରାଜ୍ୟର ପାହାଡ଼ିଆ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ରାତିର ତାପମାତ୍ରା ଧୀରେ ଧୀରେ ହ୍ରାସ ପାଇବା ସହ ଥଣ୍ଡା ବଢ଼ିବାର ସମ୍ଭାବନା ରହିଛି। ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ରହିଛି। ଏହାର ପ୍ରଭାବରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ପରବର୍ତ୍ତୀ ସମୟରେ ଅକ୍ଟୋବର ୧୪ରୁ ୧୬ମଧ୍ୟରେ ଏହା ଅଧିକ ସଙ୍ଗଠିତ ହୋଇ ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଉଚ୍ଚତା ଅନୁସାରେ ପବନର ଦିଗ ଓ ବେଗରେ ପରିବର୍ତ୍ତନ ଏବଂ ଶୁଖିଲା ବାୟୁର ପ୍ରବେଶ ଯୋଗୁଁ ଏହାର ଅଧିକ ଘନୀଭୂତ ହେବାରେ ବାଧା ସୃଷ୍ଟି ହୋଇପାରେ। ଏପର୍ଯ୍ୟନ୍ତ ବାତ୍ୟା ସୃଷ୍ଟି ହେବା ନେଇ କୌଣସି ନିଶ୍ଚିତ ସୂଚନା ନାହିଁ। ଅକ୍ଟୋବର ୨୦ ବିଜୟାଦଶମୀ ଦିନ ପାଗରେ ଉନ୍ନତି ହେବା ସହ ରାଜ୍ୟର ଅଧିକାଂଶ ସ୍ଥାନରେ ଶୁଖିଲା ପାଗ ରହିବାର ସମ୍ଭାବନା ରହିଛି। ଫଳରେ ଅଧିକାଂଶ ଅଞ୍ଚଳରେ ଦଶହରା ପର୍ବ ପାଳନ ପାଇଁ ପାଗ ଅନୁକୂଳ ରହିପାରେ। ତେଣେ ରାଜ୍ୟରୁ ବିଦାୟ ନେଉଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଅକ୍ଟୋବର ୧୨ତାରିଖ ସୁଦ୍ଧା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରାଜ୍ୟର ୧୦ଜିଲ୍ଲାରୁ ସମ୍ପୂର୍ଣ୍ଣ ଭାବେ ଅପସାରିତ ହୋଇଛି। ୫ଜିଲ୍ଲାର ଅଧିକାଂଶ ଅଞ୍ଚଳରୁ ମୌସୁମୀବାୟୁ ବିଦାୟ ନେଇଛି। ସୂଚନା ଅନୁସାରେ, ଏବେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ସୋନପୁର, ବରଗଡ଼, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, ଏବଂ ନବରଙ୍ଗପୁରର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସମ୍ପୂର୍ଣ୍ଣ ଭାବେ ବିଦାୟ ନେଇଛି। ସେହିଭଳି ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ବୌଦ୍ଧ, କନ୍ଧମାଳ ଜିଲ୍ଲାର ସର୍ବାଧିକ ଅଞ୍ଚଳ ସହ ଢେଙ୍କାନାଳ, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାର କିଛି ଅଞ୍ଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଂଶିକ ପ୍ରତ୍ୟାହୃତ ହୋଇଛି।

## କେନ୍ଦ୍ରମନ୍ତ୍ରୀ ଏଲ୍. ମୁରୁଗାନ୍‌ଙ୍କ ଇସ୍ତଫା



**ଭୁବନେଶ୍ୱର,(ପିପିଏସ୍):** କେନ୍ଦ୍ର ସୂଚନା ଓ ପ୍ରସାରଣ, ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଏଲ୍. ମୁରୁଗାନ୍ ମଙ୍ଗଳବାର ମନ୍ତ୍ରୀ ପଦ ଓ ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ ଏହି ମର୍ମରେ ଏକ ଚିଠି ଲେଖି ନିଜ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଶ୍ରୀ ମୁରୁଗାନ୍ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଉଲ୍ଲେଖ କରିଛନ୍ତି 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନେତୃତ୍ୱରେ ମନ୍ତ୍ରିମଣ୍ଡଳରେ ସାମିଲ ହୋଇ ଭାରତ ମାତା ଓ ତାମିଲନାଡୁର ସେବା କରିବା ମୋ ଜୀବନର ସବୁଠୁ ମୂଲ୍ୟବାନ ମୁହୂର୍ତ୍ତ। ଜଣେ ଦିନ ମଜୁରିଆ ପୁଅକୁ ପ୍ରଧାନମନ୍ତ୍ରୀ ମୋଦିଜୀ କେନ୍ଦ୍ରମନ୍ତ୍ରୀ କରାଇବା ବୋଧହୁଏ ମୋର ପରମ ସୌଭାଗ୍ୟ।' ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ସମ୍ପୂର୍ଣ୍ଣ ସମୟ ଏବେ ତାମିଲନାଡୁ ବିଜେପିକୁ ସଶକ୍ତ କରିବାରେ ଦେବେ। ଆସନ୍ତା ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ତୃଣମୂଳସ୍ତରରେ ପହଞ୍ଚି ବିଜେପି ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା ଏବେ ତାଙ୍କ ଗୁରୁ ଦାୟିତ୍ୱ ବୋଲି ଶ୍ରୀ ମୁରୁଗାନ୍ ଉଲ୍ଲେଖ କରିଛନ୍ତି। ଶ୍ରୀ ମୁରୁଗାନ ୨୦୨୧ରେ ପ୍ରଥମ କରି ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ବେଳେ ୨୦୨୪ରେ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଥିଲେ।

## ଜାନୁଆରୀ ୧୨ରୁ ଧନୁଯାତ୍ରା

**ବରଗଡ଼,(ପିପିଏସ୍):** ଓଡ଼ିଶା ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ୭୮ତମ ସଂସ୍କରଣ ଜାନୁଆରୀ ୧୨ରୁ ଆରମ୍ଭ ହେବ। ତେବେ ଚଳିତ ଧନୁଯାତ୍ରାରେ କଂସ କିଏ ହେବ ସେ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଧନୁଯାତ୍ରା ମହୋତ୍ସବ ସମିତିର ଉପଦେଷ୍ଟା କମିଟି ଓ କାର୍ଯ୍ୟକାରୀ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଧନୁଯାତ୍ରା ଜାନୁଆରୀ ୧୨ରୁ ୨୨ ତାରିଖ ଯାଏଁ ଆୟୋଜନପାଇଁ ଦିନ ଧାର୍ଯ୍ୟ କରାଯାଇଛି। ମୁଖ୍ୟ ଆକର୍ଷଣ ତଥା ମହାନାୟକ କଂସ ଭୂମିକା ପାଇଁ କଳାକାର ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ, ତର୍କସଙ୍ଗତ ଏବଂ ଉଚିତ ସାଂସ୍କୃତିକ ପ୍ରଣାଳୀ ଅନୁସରଣ କରି ଆସନ୍ତା ୧୫ ଦିନ ମଧ୍ୟରେ ସମ୍ପାଦନ କରାଯିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନୁଯାୟୀ, ଏଥର ଧନୁଯାତ୍ରା ଶେଷହେବାର ୩୦ଦିନ ମଧ୍ୟରେ ବିଭିନ୍ନ କମିଟି ଏବଂ ସେଗୁଡ଼ିକର ଆବାହକମାନେ ସେମାନଙ୍କର ସମସ୍ତ ଖର୍ଚ୍ଚ ହିସାବ ଦାଖଲ କରିବେ। ଜିଲ୍ଲାପାଳ ଅଧ୍ୟକ୍ଷତା କରିଥିବା ବେଳେ ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶ୍ୱର ଶତପଥୀ ସଭା ପରିଚାଳନା କରିଥିଲେ।

## ନୂଆ ରାଜ୍ୟପାଳଙ୍କୁ ନେଇ ଚର୍ଚ୍ଚା

### କ'ଣ ରହିବ ବ୍ରଜମୋହନଙ୍କ ଭୂମିକା ?



**ଭୁବନେଶ୍ୱର,(ପିପିଏସ୍):** ବ୍ରଜମୋହନ ରାମଙ୍କୁ ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ବର୍ତ୍ତମାନ ରାଜ୍ୟପାଳ ଥିବା ହରିବାବୁ କମ୍ଭମପାଟିଙ୍କ ସ୍ଥାନ ନେବେ ବ୍ରଜମୋହନ। ଝାଡ଼ଖଣ୍ଡର ବରିଷ୍ଠ ବିଜେପି ନେତା ବ୍ରଜମୋହନଙ୍କର ରହିଛି ଦୀର୍ଘ ରାଜନୈତିକ ଅଭିଜ୍ଞତା। ସେ ଅବିଭକ୍ତ ବିହାର ବିଧାନସଭାର ସଦସ୍ୟ ଥିବାବେଳେ ପରବର୍ତ୍ତୀ ସମୟରେ ଝାଡ଼ଖଣ୍ଡ ପାଲାମୁ ଲୋକସଭା ଆସନରୁ ତିନିଥର ସାଂସଦ ନିର୍ବାଚିତ ହୋଇଥିଲେ। ୧୯୯୬, ୧୯୯୮ ଓ ୧୯୯୯ରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ଓଡ଼ିଶାର ରାଜ୍ୟପାଳ ଭାବେ ତାଙ୍କ ନିଯୁକ୍ତି ପରେ ରାଜ୍ୟର ସାମ୍ବିଧାନିକ ମୁଖ୍ୟ ଭାବେ ତାଙ୍କର ନୂଆ ଭୂମିକା ଉପରେ ରହିବ ସମସ୍ତଙ୍କ ନଜର। ରାଜ୍ୟର ଶିକ୍ଷା, ଉଚ୍ଚ ଶିକ୍ଷାନୁଷ୍ଠାନ ଓ ସାମ୍ବିଧାନିକ ବ୍ୟବସ୍ଥା ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ସେପଟେ ବ୍ରଜମୋହନଙ୍କ ଦାୟିତ୍ୱ ଗ୍ରହଣ ପୂର୍ବରୁ ରାଜ୍ୟରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ନୂଆ ରାଜ୍ୟପାଳଙ୍କର ଅନୁଭବ ଓଡ଼ିଶା ପାଇଁ ସହାୟକ ହେବ। ଦୀର୍ଘ ସମୟ ଧରି ସାମ୍ବିଧାନିକ ଦାୟିତ୍ୱର ଅନୁଭବ ଓଡ଼ିଶା ପାଇଁ ଲାଭଦାୟକ ହେବ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଏପଟେ ଓଡ଼ିଶାର ଆଗାମୀ ରାଜନୀତି ପାଇଁ ବ୍ରଜମୋହନଙ୍କ ଆଗମନକୁ ନେଇ ଅଙ୍କ କଷିଛନ୍ତି ରାଜନୈତିକ ବିଶେଷଜ୍ଞ। ପ୍ରାୟ ବର୍ଷେ ୯ ମାସର କାର୍ଯ୍ୟକାଳ ପରେ ଓଡ଼ିଶା ରାଜ୍ୟପାଳ ପଦରୁ ଦାୟିତ୍ୱ ହସ୍ତାନ୍ତର କରିବେ ହରିବାବୁ କମ୍ଭମପାଟି। ଆନ୍ଧ୍ରପ୍ରଦେଶର ବରିଷ୍ଠ ରାଜନେତା ହରିବାବୁ କମ୍ଭମପାଟି, ପ୍ରଥମେ ମିଜୋରାମ ଏବଂ ପରେ ଓଡ଼ିଶାର ରାଜ୍ୟପାଳ ଭାବେ ଦାୟିତ୍ୱ ତୁଲାଇଛନ୍ତି। ୨୦୨୧ ଜୁଲାଇ ୧୯ରେ ମିଜୋରାମର ରାଜ୍ୟପାଳ ଭାବେ ଦାୟିତ୍ୱ ନେଇଥିବା ହରିବାବୁ ପ୍ରାୟ ୩ ବର୍ଷ ୫ ମାସ ସେଠାରେ କାର୍ଯ୍ୟ କରିଥିଲେ। ଏହାପରେ ୨୦୨୫ ଜାନୁଆରୀ ୩ରେ ଓଡ଼ିଶାର ରାଜ୍ୟପାଳ ଭାବେ ଶପଥ ନେଇ ୧ବର୍ଷ ୯ମାସ ରାଜ୍ୟପାଳ ଭାବେ ଦାୟିତ୍ୱ ତୁଲାଇ ଥିଲେ। ତାଙ୍କ କାର୍ଯ୍ୟକାଳରେ ରାଜ୍ୟର ବିକାଶ, ଶିକ୍ଷାର ଉନ୍ନତି ଓ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ଭଳି ପ୍ରସଙ୍ଗ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଗ୍ରୀନ୍ ଏନର୍ଜି କ୍ଷେତ୍ରରେ ଓଡ଼ିଶା ଲୋକଭବନକୁ ମିଳିଥିଲା ଜାତୀୟ ସ୍ୱୀକୃତି। ଇଣ୍ଡିଆନ୍ ଗ୍ରୀନ୍ ବିଲ୍ଡିଂ କାଉନସିଲ୍ ପକ୍ଷରୁ ଲୋକଭବନକୁ ମିଳିଥିଲା ପ୍ଲାଟିନମ୍ ଗ୍ରୀନ୍ କ୍ୟାମ୍ପସ୍ ସାର୍ଟିଫିକେସନ୍। ସୌରଶକ୍ତିର ବ୍ୟବହାର, ଇଲେକ୍ଟ୍ରିକ୍ ଯାନ ଚଳାଚଳ ଏବଂ ପରିବେଶ ଅନୁକୂଳ ବ୍ୟବସ୍ଥା ଥିଲା ଏହି ସଫଳତାର ପ୍ରମୁଖ ଦିଗ। ଏବେ ତାଙ୍କ ସ୍ଥାନରେ ନୂଆ ରାଜ୍ୟପାଳ ନିଯୁକ୍ତ ହେବା ପରେ ହରିବାବୁଙ୍କ କାର୍ଯ୍ୟକାଳ ଓ ଓଡ଼ିଶା ପ୍ରତି ତାଙ୍କ ଅବଦାନକୁ ନେଇ ମନେ ପକାଇଛନ୍ତି ରାଜ୍ୟର ନେତୃତ୍ୱ। ରାଜ୍ୟପାଳ ଭାବେ ବ୍ରଜମୋହନ ରାମଙ୍କ ସମ୍ମୁଖରେ ରହିବ ଓଡ଼ିଶାର ସାମ୍ବିଧାନିକ ପରମ୍ପରାକୁ ଆଗକୁ ବଢ଼ାଇବା, ବିଶ୍ୱବିଦ୍ୟାଳୟଗୁଡ଼ିକର କାର୍ଯ୍ୟକଳାପ ସହ ଜଡ଼ିତ ଦାୟିତ୍ୱ ତୁଲାଇବା ଏବଂ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସାମ୍ବିଧାନିକ ଭୂମିକା ନିର୍ବାହ କରିବା। ତେବେ ତାଙ୍କର ଅଭିଜ୍ଞତା ଓ ଦୃଷ୍ଟିକୋଣ ଓଡ଼ିଶାର ରାଜଭବନକୁ କିଭଳି ନୂଆ ଦିଗ ଦେବ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ।

❑ ବ୍ରଜମୋହନଙ୍କର ରହିଛି ଦୀର୍ଘ ରାଜନୈତିକ ଅଭିଜ୍ଞତା

❑ ସାମ୍ବିଧାନିକ ବ୍ୟବସ୍ଥାପାଇଁ ରହିବ ଗୁରୁତ୍ୱପୂର୍ଣ୍ଣ ଭୂମିକା

❑ ହରିବାବୁଙ୍କ ଅବଦାନକୁ ମନେ ପକାଉଛନ୍ତି ନେତୃତ୍ୱ

## ସମ୍ପାଦକୀୟ

### ଆତ୍ମମନ୍ଥନ କରୁ ବିପକ୍ଷ

## ବାଟେଘାଟେ



ଛାତ୍ରସଂସଦ ନିର୍ବାଚନ ପାଇଁ
କଲେଜରେ ପାଟିତୁଣ୍ଡ
ପ୍ରାର୍ଥୀମାନଙ୍କର ପ୍ରଚାର ବେଳରେ
ଘଟୁଛି ଅଜବକାଣ୍ଡ
ଗୋଳମାଳ ହୁଏ ମୁଣ୍ଡ
କେବଳ ଭୋଟ ହାତେଇବା ଲାଗି
ସବୁ ପ୍ରାର୍ଥୀ ଲଣ୍ଡଭଣ୍ଡ
କାହାର ଫର୍ମୁଲା ପଣ୍ଡ
କିଏ କହେ ଯଦି ହାରିଯାଏ ମୁହିଁ
ବାଢ଼ିବି ତୁମରି ପିଣ୍ଡ
ସବୁ ଜଣେ ଜଣେ ଷଣ୍ଢ

-ରାହୀ

# ସରିଲା କ୍ୟାମ୍ପେନ୍, ବଢ଼ିଲା ଟେନ୍‌ସନ

## ଆଜି 'ହ୍ୱାଇ ଆଇ ଷ୍ଟାଣ୍ଡ ଫର୍ ମିଟିଂ'

**ଭୁବନେଶ୍ୱର,(ପିପିଏସ୍):** ଛାତ୍ର ସଂସଦ ନିର୍ବାଚନକୁ ନେଇ ରାଜ୍ୟର ବିଭିନ୍ନ କଲେଜ କ୍ୟାମ୍ପସରେ ଆଜି ସରିଛି ପ୍ରଚାର। ବୁଧବାର ଅନୁଷ୍ଠିତ ହେବ 'ହ୍ୱାଇ ଆଇ ଷ୍ଟାଣ୍ଡ ଫର୍ ମିଟିଂ'। ପ୍ରଚାରର ଶେଷ ଦିନରେ ଧୂଳି ଉଡ଼ା ପ୍ରଚାର କରିଛନ୍ତି ବିଭିନ୍ନ ଛାତ୍ର ସଙ୍ଗଠନର ପ୍ରାର୍ଥୀମାନେ। ଉତ୍କଳ ବିଶ୍ୱବିଦ୍ୟାଳୟରେ କାର୍ ରାଲି କରିଛି ଛାତ୍ରକଂଗ୍ରେସ। ନାଚଗୀତରେ କମ୍ପିଲା ବିଭିନ୍ନ କଲେଜ୍ କ୍ୟାମ୍ପସ୍। ପ୍ରାର୍ଥୀମାନେ ଛାତ୍ରଛାତ୍ରୀଙ୍କୁ ମନଇଚ୍ଛା ବାଣ୍ଟିଲେ ଗୁପଚୁପ, ଦହିବରା, ଆଇସକ୍ରିମ୍। ଶେଷଦିନରେ ସବୁ ଡିପାର୍ଟମେଣ୍ଟ ବୁଲି ଭୋଟ୍‌ଭିକ୍ଷା କଲେ ପ୍ରାର୍ଥୀ। ସେହିଭଳି ବିଭିନ୍ନ ଛାତ୍ର ସଙ୍ଗଠନର ମାଳ ମାଳ ନିର୍ବାଚନୀ ପ୍ରତିଶ୍ରୁତି ମଧ୍ୟ ପ୍ରାର୍ଥୀଙ୍କୁ ପ୍ରଭାବିତ କରିବ ବୋଲି କୁହାଯାଉଛି। ଆଉ ଦିନକ ପରେ ପଡ଼ିବ ଭୋଟ୍। କେଉଁଠି କିଏ ମାରିବ ବାଜି ତା' ଉପରେ ରହିଛି ନଜର। ଛାତ୍ରସଂସଦ ନିର୍ବାଚନ ପାଇଁ ମଙ୍ଗଳବାର ଥିଲା ପ୍ରଚାରର ଶେଷଦିନ। ଆଉ ଶେଷ ଦିନରେ ଛାତ୍ରଛାତ୍ରୀଙ୍କ ଆସ୍ଥା ଜିତିବାକୁ ପୂରା ଦମ୍ ଲଗାଇଥିଲେ ପ୍ରାର୍ଥୀ। କ୍ଲାସ ଟୁ କ୍ଲାସ, ଡିପାର୍ଟମେଣ୍ଟ ଟୁ ଡିପାର୍ଟମେଣ୍ଟ ବୁଲି ଭୋଟ୍‌ଭିକ୍ଷା କରିଥିଲେ। ଖାଲି ସେତିକି ନୁହେଁ ନିଜ ନିଜ ପତିଆରା ଜାହିର ପାଇଁ କିଏ ବିଶାଳ କାର୍ ରାଲି କରିଥିଲେ ତ ଆଉ କିଏ କରିଥିଲେ ଡିଜେ ପାର୍ଟି ଶୋ'। ବାଲେଶ୍ୱରର ଏକ ମଣ୍ଡପରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାର୍ଥୀମାନଙ୍କ ତରଫରୁ ଆୟୋଜିତ ହୋଇଥିଲା ରଙ୍ଗାରଙ୍ଗ ଡିଜେପାର୍ଟି। ଖାଇବା ପିଇବା ସହ ନାଚଗୀତରେ କମ୍ପିଥିଲା ପୂରା ପରିବେଶ। ସେହିଭଳି ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ବିଶାଳ କାର୍ ରାଲି କରି ନିଜ ପତିଆରା ଦେଖାଇଥିଲେ ଛାତ୍ର କଂଗ୍ରେସର ପ୍ରାର୍ଥୀ। କ୍ୟାମ୍ପସ୍ ଭିତରେ ଚାଲିଥିଲା ଧାଡ଼ିକି ଧାଡ଼ି କାର୍। ଆଉ ଏକ ଖୋଲା ଜିପ୍‌ରେ ଠିଆ ହୋଇ କ୍ୟାମ୍ପେନିଂ କରିଥିଲେ ଏନ୍ଏସ୍‌ୟୁସିଆଇ ପ୍ରାର୍ଥୀ। ପ୍ରାୟ ଅଧ କିଲୋମିଟର ପର୍ଯ୍ୟନ୍ତ ଲମ୍ବିଥିଲା କାର୍ ରାଲି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଚକ୍କର କାଟିଥିଲା ଏହି ବିଶାଳ କାର୍ ରାଲି। ରାଉରକେଲା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରପାଇଁ ନାଚଗୀତରେ ମାତିଥିଲେ ଛାତ୍ରଛାତ୍ରୀ। ଖାଲି ନାଚଗୀତ ଚାଲିଥିଲା ସେକଥା ନୁହେଁ ଗୁପଚୁପ୍‌ରେ ପାର୍ଟି ବି ଧୁମ୍ ଚାଲିଥିଲା। ଆସ୍କାର ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବାକୁ କ୍ୟାମ୍ପସ୍ ଆଗରେ ଲାଗିଥିଲା ଦହିବରା, ଆଇସକ୍ରିମ୍, ଗୁପଚୁପର ମାଗଣା ଷ୍ଟଲ୍। କିଏ କାହାକୁ ଭୋଟ୍ ଦେବେ ସେକଥା ଜଣାନାହିଁ, କିନ୍ତୁ ଯିଏ ଯେତେ ପାରିଲେ ଖାଇଚାଲିଥିଲେ। ସେହିଭଳି ବରଗଡ଼ ଜିଲ୍ଲା ପଦ୍ମପୁର କଲେଜରେ ବି ମାଗଣା ଗୁପଚୁପ, ଆଇସ୍କ୍ରିମ ଓ ମୁଢ଼ିରେ ଛାତ୍ରଛାତ୍ରୀଙ୍କୁ ଖୁବ୍ ଆପ୍ୟାୟିତ କରିଥିଲେ ପ୍ରାର୍ଥୀ। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପ୍ରାର୍ଥୀଙ୍କ ପ୍ରଚାର ବେଳେ ଦେଖିବାକୁ ମିଳିଥିଲା ଏଭ ଭିନ୍ନ ଚିତ୍ର। ଏଠି ସ୍ୱାଧୀନ ଭାବେ ନିର୍ବାଚନ ଲଢୁଥିବା କିଛି ପ୍ରାର୍ଥୀ ଛାତ୍ରୀମାନଙ୍କୁ ସାନିଟାରୀ ନାପକିନ୍ ବାଣ୍ଟିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା। ଛାତ୍ରସଂସଦ ନିର୍ବାଚନ ପାଇଁ ହାତରେ ଆଉ ମାତ୍ର ଗୋଟିଏ ଦିନ। ଗୋଟିଏ ଦିନ ପରେ ଛାତ୍ରଛାତ୍ରୀମାନେ ସେମାନଙ୍କ ଛାତ୍ର ନେତା ବାଛିବେ। ବୁଧବାର ବିଭିନ୍ନ କ୍ୟାମ୍ପସ୍‌ରେ ରହିଛି 'ହ୍ୱାଇ ଆଇ ଷ୍ଟାଣ୍ଡ ଫର୍ ମିଟିଂ'। ଏହି ମିଟିଂରେ ସମସ୍ତଙ୍କ ସାମ୍ନାରେ ପ୍ରାର୍ଥୀମାନେ ନିଜ ନିଜର ଲକ୍ଷ୍ୟ, ଯୋଜନା ଓ ପ୍ରତିଶ୍ରୁତି ଛାତ୍ରଛାତ୍ରୀଙ୍କ ସାମ୍ନାରେ ରଖିବେ। ୧୫ତାରିଖ ସକାଳ ୮ଟାରୁ ଦିନ ୨ଟା ଭିତରେ ହେବ ମତଦାନ। ଭୋଟଗ୍ରହଣ ଶେଷ ପରେ ସେହିଦିନ ଅପରାହ୍ଣ ୨ଟାରୁ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ଏହାପରେ ୧୬ ତାରିଖରେ ଶପଥ ଗ୍ରହଣ କରିବେ ବିଜୟୀ ପ୍ରାର୍ଥୀ।



ପ୍ରଜାତନ୍ତ୍ର




# ଆଜିର ରାଶିଫଳ

**ମେଷ** — ନିଜର ତୀକ୍ଷ୍ଣ ବୁଦ୍ଧି ଓ କୌଶଳ ପ୍ରୟୋଗ କରି କାର୍ଯ୍ୟ ସାଧନ କରିବେ। ନୂତନ ସ୍ଥାନ ପରିଭ୍ରମଣର ସୁଯୋଗ ପାଇବେ। କର୍ମ କ୍ଷେତ୍ରରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ସୁସମ୍ପର୍କ ସ୍ଥାପନ ହେବ । ପ୍ରତିକାର- ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରନ୍ତୁ।

**ବୃଷ** — ଶତ୍ରୁମାନେ ପରାଜୟ ସ୍ୱୀକାର କରି ମିତ୍ରତାର ହାତ ବଢାଇବେ। ଶରୀର ସୁସ୍ଥ ରହିବ ଓ ଯାତ୍ରା ସଫଳ ହେବ। ରାଜନୀତି କ୍ଷେତ୍ରରେ ମାନ ସମ୍ମାନ ପ୍ରଶଂସାର ଅଧିକାରୀ ହେବେ । ପ୍ରତିକାର- ତୁଳସୀ ଚଉରା ମୂଳରେ ଜଳ ପ୍ରଦାନ କରନ୍ତୁ।

**ମିଥୁନ** — ମିତ୍ରମାନଙ୍କ ସହିତ ଅଯଥା ଯୁକ୍ତିତର୍କ ମତପାର୍ଥକ୍ୟ ଦେଖାଦେଇପାରେ। ଖାଦ୍ୟର ଅନିୟମିତତା ହେତୁ ସ୍ୱାସ୍ଥ୍ୟ ଖରାପ ହୋଇଯାଇପାରେ । ତେଣୁ ଜଗି ରଖି ଚଳନ୍ତୁ। ପ୍ରତ୍ୟେକଟି କାର୍ଯ୍ୟରେ ବାଧାବିଘ୍ନ ଘାତପ୍ରତିଘାତ ଦେଖାଦେବ ।

**କର୍କଟ** — ପାରିବାରିକ ମନୋମାଳିନ୍ୟ ଦୂରହୋଇ ସୁଖ ଶାନ୍ତି ବିରାଜମାନ କରିବ। ନିଜ ଲୋକମାନଙ୍କ ପ୍ରେରଣା ପାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିବେ । ମହିଳାମାନଙ୍କ କାର୍ଯ୍ୟ ଜନସମାଜରେ ପ୍ରଶଂସନୀୟ ହେବ।

**ସିଂହ** — ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଲାଗିରହିଥିବା ସମସ୍ୟା ଗୁଡିକର ସମାଧାନ ହୋଇଯିବ । ସାମାଜିକ ମାନ ସମ୍ମାନ ପ୍ରତିଷ୍ଠା ଲାଭ କରିବେ। ପ୍ରତିକାର- ପାଞ୍ଚଟି ତ୍ରିଶାଖା ବେଲପତ୍ର ମହାଦେବଙ୍କୁ ଅର୍ପଣ କରନ୍ତୁ ।

**କନ୍ୟା** — ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ପାଇବେ। ଆକସ୍ମିକ ଦୁର୍ଘଟଣା ଦେଖାଦେଇପାରେ । ତେଣୁ ସତର୍କତା ଅବଲମ୍ବନ କରନ୍ତୁ । ବ୍ୟବସାୟ ବାଣିଜ୍ୟରେ ଦ୍ରବ୍ୟ ହାନି ବା ଚୋରି ହେବାର ସମ୍ଭାବନା ରହିଛି।

**ତୁଳା** — ପ୍ରତ୍ୟେକଟି କାର୍ଯ୍ୟରେ ସଫଳ ହେବେ ଓ ଉତ୍ତମ ଭୋଜନ ପ୍ରାପ୍ତି ହେବ । ଶରୀର ସୁସ୍ଥ ରହିବ । ସମସ୍ତ ଆଶା ଅଭିଳାଷ ପୂରଣ ହେବ । କର୍ମକ୍ଷେତ୍ରରେ ଉଚ୍ଚ ପଦପଦବୀ ପାଇବାର ସୁଯୋଗ ରହିଛି ।

**ବିଛା** — ଗୁରୁଜନମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ମହିଳାମାନେ ରାଜନୀତି କ୍ଷେତ୍ରରେ ନିଜର ସ୍ଥିତି ସୁଦୃଢ କରିବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ । ପ୍ରତିକାର-ରୁଟି ଓ ଗୁଡ ଗାଈକୁ ଖାଇବାକୁ ଦିଅନ୍ତୁ ।

**ଧନୁ** — ନିର୍ମାଣଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚାଇବେ। ନୂତନ ଯାନ ବାହନ କିମ୍ବା ଭୂମି କ୍ରୟ କରିବାର ସୁଯୋଗ ରହିଛି । ମହିଳା ଓ ଛାତ୍ରଛାତ୍ରୀମାନେ ହସ ଖୁସିରେ ଦିନ କାଟିବେ। ହନୁମାନଙ୍କୁ ଦର୍ଶନ କରନ୍ତୁ ଓ ସାତଟି ପେଡା ଭୋଗ କରନ୍ତୁ ।

**ମକର** — ଦୁଃସାହସିକ ପଦକ୍ଷେପ ନେଇ କାର୍ଯ୍ୟଟିକୁ ସମ୍ପାଦନ କରିବେ । କର୍ମ କ୍ଷେତ୍ରରେ ସହଯୋଗୀମାନଙ୍କର ସାହାଯ୍ୟ ସହାନୁଭୂତି ମିଳିବ। ଆର୍ଥିକ, ମାନସିକ,ଶାରୀରିକ ଅଭିବୃଦ୍ଧି ଘଟିବ। ଶ୍ରୀଗଣେଶଙ୍କ ପାଖରେ ସାତଟି ବୁନ୍ଦି ଲଡୁ ଭୋଗଲାଗି କରନ୍ତୁ।

**କୁମ୍ଭ** — ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣରେ ଦୁଃଖିତ ହେବେ । ଜମିବାଡି ଜନିତ ସମସ୍ୟାକୁ ନେଇ କୋର୍ଟ କଚେରୀର ଦ୍ୱାରସ୍ଥ ହୋଇପାରନ୍ତି । କର୍ମକ୍ଷେତ୍ରରେ ଷଡଯନ୍ତ୍ରର ଶିକାର ହୋଇପାରନ୍ତି । ଅଶ୍ୱତଥ୍ ପତ୍ରଟିଏ ନିଜ ପାଖରେ ରଖନ୍ତୁ ।

**ମୀନ** — ଶରୀରର କୌଣସି ଅଙ୍ଗରେ ଆଘାତ ଲାଗି କ୍ଷତାକ୍ତ ହୋଇପାରେ । ତେଣୁ ସାବଧାନ ହୋଇ କାମ କରନ୍ତୁ । ବୃଥା ଭ୍ରମଣ, ଧନ ହାନୀ, ପ୍ରାଣପୀଡା ଦେଖାଦେଇପାରେ । କିଛି ଗହମରେ ଗୁଡ ମିଶାଇ ଗାଈକୁ ଖାଇବାକୁ ଦିଅନ୍ତୁ ।

# ଛେନା ଝିଲି

**ଆବଶ୍ୟକ ସାମଗ୍ରୀ:** ସୁଜି, ମଇଦା, ଚିନି, ଅଳେଇଚ ଗୁଣ୍ଡ ଓ ଖାଇବା ସୋଡ଼ା, ୫୦୦ ଗ୍ରାମ ଛେନା, ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ଛେନା ଝିଲି ତିଆରି କରିବା ପୂର୍ବରୁ ଚିନିରେ ଶିରା ପ୍ରସ୍ତୁତ କରନ୍ତୁ। ତା'ପରେ ଛେନାକୁ ଏକ ପାତ୍ରରେ ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଚକଟନ୍ତୁ। ପରେ ସେଥିରେ ତିନି ଚାମଚ ସୁଜି, ଦୁଇ ଚାମଚ ମଇଦା, ଗୋଟିଏ ଚାମଚ ଚିନି, ଅଳ୍ପ ଅଳେଇଚ ଗୁଣ୍ଡ ଓ ଖାଇବା ସୋଡ଼ା ପକାଇ ଭଲ ଭାବରେ ଚକଟି ଦିଅନ୍ତୁ। ଏହାପରେ ତାକୁ କିଛି ସମୟ ଘୋଡ଼ାଇ ରଖି ଦିଅନ୍ତୁ। ତା'ପରେ ଚକଟା ଛେନାକୁ ଛେନା ଝିଲିର ସେପ ଦେଇ ଗଢ଼ନ୍ତୁ। ଏବେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ଗଢ଼ି ରଖିଥିବା ଛେନା ଝିଲିକୁ ଅଳ୍ପ ଆଞ୍ଚରେ ଛାଣନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଛାଣି ଶିରାରେ କିଛି ସମୟ ପର୍ଯ୍ୟନ୍ତ ପକାଇ ରଖନ୍ତୁ। ପରେ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ଝିଲି।



# ପ୍ରଧାନପାଟ ଜଳପ୍ରପାତ



**ପ୍ର**କୃତିର ଅନନ୍ୟ ଉପହାର ହେଉଛି ଦେବଗଡ଼ ଜିଲାର ପ୍ରଧାନପାଟ ଜଳପ୍ରପାତ। ଦେବଗଡ଼ ସହରରୁ ମାତ୍ର ଦେଢ଼ କିଲୋମିଟର ଦୂରରେ ଅବସ୍ଥିତ ଏହି ପର୍ଯ୍ୟଟନସ୍ଥଳକୁ ବର୍ଷ ସାରା ଲୋକଙ୍କ ସୁଅ ଛୁଟେ। ପ୍ରଧାନପାଟର ସବୁଜିମା ପରିବେଶ ଏବଂ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ କଳରବ ପ୍ରକୃତିପ୍ରେମୀଙ୍କୁ ନିଆରା ଆନନ୍ଦ ଦେଇଥାଏ। ଶାଳ ଗଛ ଘେରା ଜଙ୍ଗଲ ଭିତରେ ଅବସ୍ଥିତ ପ୍ରଧାନପାଟ ଜଳପ୍ରପାତ ପାଦଦେଶରେ ରହିଛି ମା' ପଧାନୀଙ୍କ ମନ୍ଦିର ଓ ବଣଭୋଜି ସ୍ଥାନ। ପର୍ଯ୍ୟଟକଙ୍କ ରହଣି ପାଇଁ ରହିଛି ଦୁଇଟି ଡାକବଙ୍ଗଳା ବସନ୍ତ ନିବାସ ଓ ଲଳିତ ବସନ୍ତ ଏବଂ ପୌର ପରିଷଦ ଦ୍ୱାରା ପରିଚାଳିତ ଅତିଥି ନିବାସ। ପିଲାମାନଙ୍କ ମନୋରଞ୍ଜନ ପାଇଁ ଏଠାରେ ଏକ ଶିଶୁ ଉଦ୍ୟାନ ମଧ୍ୟ ଅଛି। ସେଥିମଧ୍ୟରେ ରହିଛି ଚମ୍ପକେଶ୍ୱର ଶିବ ମନ୍ଦିର, ଶିରିଡି ସାଇ ମନ୍ଦିର ଓ ଗିରିଗୋବର୍ଦ୍ଧନ ମନ୍ଦିର।।

# ଦୁନିଆର ସବୁଠାରୁ ମହଙ୍ଗା ପୋକ



**ଦୁ**ନିଆରେ ଏଭଳି ଅନେକ ଜିନିଷ ରହିଛି, ଯାହା ବିଷୟରେ ଜାଣିଲେ ବେଶ ଆଶ୍ଚର୍ଯ୍ୟ ଲାଗିଥାଏ । ସହଜରେ ବିଶ୍ୱାସ ହୋଇନଥାଏ । ମାତ୍ର ଆପଣ ଜାଣନ୍ତି କି ଏଭଳି ଏକ ପୋକ ରହିଛି, ଯାହାର ଦାମ୍ ଲକ୍ଷ ଲକ୍ଷ ଟଙ୍କା । ଏହା ଏତେ ମହଙ୍ଗା ଯେ, ଏହି ଦାମ୍ରେ ବିଏମଡବ୍ଲ୍ୟୁ କିମ୍ବା ଅଡି ଭଳି ଦାମୀ କାର୍ ମଧ୍ୟ କିଣିପାରିବେ । ଜାଣନ୍ତୁ ଏହି ପୋକ ବିଷୟରେ..

ଦୁନିଆର ସବୁଠାରୁ ମହଙ୍ଗା ପୋକ ଷ୍ଟେଗ ବିଟଲ୍। ଏହାର ଦାମ୍ ୭୫ ଲକ୍ଷ ଟଙ୍କା ବୋଲି ଜଣାପଡିଛି । ଏହି ପୋକ ଅଳିଆ ଆର୍ବଜନାରେ ରହିଥାଏ । ଦାମୀ ଦାମୀ କାର୍ରୁ ମଧ୍ୟ ଏହାର ଦାମ୍ ଅଧିକ । ଏହି ପୋକ ଖୁବ୍ ଦୁର୍ଲ୍ଲଭ । ବିଶେଷ କରି ଏମାନେ ଉଷ୍ମ ଓ ଆର୍ଦ୍ର ଜଳବାୟୁ ଅଞ୍ଚଳରେ ଦେଖାଯାଆନ୍ତି। ଏମାନେ ପୁରୁଣା ଗଛର ସଡି ଯାଇଥିବା କାଠରେ ବାସ କରି ଥାଆନ୍ତି । ଏହି କାଠକୁ ଖାଇ ହିଁ ଏମାନେ ବଢି ଥାଆନ୍ତି । ଏହି ପୋକଙ୍କ ଜୀବନକାଳ ସାଧାରଣତଃ ୩-୭ ବର୍ଷ । ଷ୍ଟେଗ୍ ବିଟଲ୍ ଲମ୍ବରେ ପ୍ରାୟ ୩୫-୭୫ ମିମି ହୋଇଥାଆନ୍ତି । ସେହିପରି ମାଈ ଷ୍ଟେଗ୍ ବିଟଲ୍ ୩୦-୫୦ ମିମି ଲମ୍ବ ହୋଇଥାଆନ୍ତି । ଏମାନଙ୍କ ଓଜନ ୨-୬ ଗ୍ରାମ ମଧ୍ୟରେ ହୋଇଥାଏ । ଏହି ପୋକକୁ ବିଶେଷ କରି ଔଷଧ ତିଆରି ପାଇଁ ବ୍ୟବହାର କରାଯାଏ । ବଗିଚାରେ ଏହି ପୋକ ରହିବା ଉତ୍ତମ ବୋଲି ମଧ୍ୟ କୁହାଯାଏ ।

# କାନଫୋଡ଼ା ପଛରେ ରହିଛି ଅନେକ ବୈଜ୍ଞାନିକ କାରଣ

**ଶ**ତାବ୍ଦୀ ଶତାବ୍ଦୀ ଧରି ଭାରତୀୟ ମହିଳାମାନେ କାନ ଫୋଡି ବିଭିନ୍ନ ପ୍ରକାରର କାନଫୁଲ ଏବଂ ଝୁମୁକା ପିନ୍ଧି ଆସୁଛନ୍ତି। କାନଫୋଡା ଏକ ବହୁ ପୁରୁଣା ଭାରତୀୟ ପରମ୍ପରା। ଖାଲି ମହିଳା ନୁହେଁ ପୁରୁଷମାନେ ମଧ୍ୟ କାନ ଫୋଡ଼ାନ୍ତି।

କିନ୍ତୁ ଆପଣ ଜାଣନ୍ତି କି କାନ ଫୋଡ଼ିବା କେବଳ ଏକ ଫ୍ୟାଶନ ନୁହେଁ, ଅନେକ ବିଶ୍ୱାସ ବ୍ୟତୀତ ଏହା ପଛରେ କେତେକ ବୈଜ୍ଞାନିକ କାରଣ ମଧ୍ୟ ଅଛି। କିନ୍ତୁ ବହୁତ କମ୍ ଲୋକ ଅଛନ୍ତି ଯେଉଁମାନେ ଏହି କାରଣ ବିଷୟରେ ଜାଣନ୍ତି। ତେବେ ଆସନ୍ତୁ ଏ ବିଷୟରେ ଜାଣିନେବା।

**ପ୍ରଜନନ ସ୍ୱାସ୍ଥ୍ୟ:**
ଆୟୁର୍ବେଦ ଅନୁଯାୟୀ, କାନର ଠିକ୍ ମଝିରେ ଏକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ଅଛି। ପ୍ରଜନନ ସ୍ୱାସ୍ଥ୍ୟ ପାଇଁ ଏହି ବିନ୍ଦୁ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ଏହା ବ୍ୟତୀତ କାନ ଫୋଡେଇବା ଦ୍ୱାରା ମହିଳାମାନଙ୍କ ମଧ୍ୟରେ ଏକ ସୁସ୍ଥ ଋତୁସ୍ରାବ ବଜାୟ ରଖିବାରେ ସାହାଯ୍ୟ କରିଥାଏ।

**ମସ୍ତିଷ୍କ ସ୍ୱାସ୍ଥ୍ୟ:**
କୁହାଯାଏ ଯେ କମ୍ ବୟସରେ ପିଲାମାନଙ୍କର କାନ ଫୋଡା ହେଲେ ମସ୍ତିଷ୍କର ସଠିକ୍ ବିକାଶ ହୋଇଥାଏ। କାନ ଫଳିରେ ଏକ ମେରିଡିଆନ୍ ପଏଣ୍ଟ ଅଛି ଯାହା ଡାହାଣ ଗୋଲାର୍ଦ୍ଧକୁ ମସ୍ତିଷ୍କର ଗୋଲାର୍ଦ୍ଧ ସହିତ ସଂଯୋଗ କରେ। ଏହି ବିନ୍ଦୁକୁ



ବିଦ୍ଧ କରିବା ଦ୍ୱାରା ମସ୍ତିଷ୍କର ଏହି ଅଂଶଗୁଡ଼ିକ ସକ୍ରିୟ ହୋଇଥାଏ। ଆକ୍ୟୁପ୍ରେସର ଥେରାପିର ନୀତିଗୁଡ଼ିକ ମଧ୍ୟ ଦାବି କରେ ଯେ ଯେତେବେଳେ ଏହି ମେରିଡିଆନ୍ ପଏଣ୍ଟଗୁଡ଼ିକ ଉତ୍ତେଜିତ ହୁଏ, ଏହା ମସ୍ତିଷ୍କର ସୁସ୍ଥ ଏବଂ ଦ୍ୱରିତ ବିକାଶରେ ସାହାଯ୍ୟ କରେ।

**ତୀକ୍ଷ୍ଣ ଦୃଷ୍ଟିଶକ୍ତି:**
କାନ ମଝିରେ ଥିବା କେନ୍ଦ୍ରୀୟ ବିନ୍ଦୁ ଆଖିର ଦୃଷ୍ଟି ସହିତ ସିଧାସଳଖ ସଂଯୋଗ ଅଛି। କାନ ଫୋଡେଇବା ଦ୍ୱାରା ସେଠାରେ ଚାପ ପଡେ। ଏହା ଆଖିର ଦୃଷ୍ଟିଶକ୍ତି ଉପରେ ଖୁବ ପ୍ରଭାବ ପକାଇଥାଏ, ଆଖିର ରଶ୍ମୀରେ ସୁଧାର ଆସିଥାଏ।

**କାନର ସ୍ୱାସ୍ଥ୍ୟରେ ଉନ୍ନତି:**
ଆୟୁର୍ବେଦ ଅନୁଯାୟୀ, ଯେଉଁଠାରେ କାନ ଫୋଡାଯାଏ ସେଠାରେ ଦୁଇଟି ଜରୁରୀ ଆକ୍ୟୁପ୍ରେସର ପଏଣ୍ଟ ଅଛି - ମାଷ୍ଟର ସେନ୍ସୋରିଅଲ୍ ଏବଂ ମାଷ୍ଟର ସେରେବ୍ରଲ ପଏଣ୍ଟ୍। ଏହି ଦୁଇଟି ପଏଣ୍ଟ୍ ପିଲାମାନଙ୍କ ଶ୍ରବଣ କ୍ଷମତାକୁ ବଜାୟ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

ଆକ୍ୟୁପ୍ରେସର ବିଶେଷଜ୍ଞମାନେ କହିଛନ୍ତି ଯେ ଟିନିଟସ୍ (କାନ ଫଡ ଫଡ ହେବା) ର ଲକ୍ଷଣରୁ ମୁକ୍ତି ପାଇବା ପାଇଁ ଏହା ଏକ ଉତ୍ତମ ଉପାୟ।

**ଚିନ୍ତାରୁ ମିଳେ ମୁକ୍ତି:**
କାନ ଫୋଡେଇବା ଦ୍ୱାରା ମସ୍ତିଷ୍କର ସୁସ୍ଥ ବିକାଶ ସହିତ ହିଷ୍ଟେରିଆ ପରି ସମସ୍ୟା ମଧ୍ୟ ଦୂରରେ ରହିଥାଏ। ଆକ୍ୟୁପ୍ରେସର ସିଦ୍ଧାନ୍ତ ଦାବି କରେ ଯେ ଏହି କ୍ଷେତ୍ର ମାଷ୍ଟର ସେରେବ୍ରଲର ସ୍ଥାନ ହୋଇଥିବାରୁ ଏହା ମସ୍ତିଷ୍କର କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ। କୁହାଯାଏ ଯେ ଏହି ପଏଣ୍ଟଗୁଡିକ ଉପରେ ଚାପ ପ୍ରୟୋଗ ଦ୍ୱାରା ଚିନ୍ତା ଏବଂ ଚିଡିଚିଡା ଭଳି ମାନସିକ ରୋଗରୁ ମୁକ୍ତି ମିଳେ।

**ହଜମ ପ୍ରକ୍ରିୟାରେ ଉନ୍ନତି:**
କୁହାଯାଏ ଯେ ଏହି ବିନ୍ଦୁରେ ପ୍ରବାହ ପଡିବା ଦ୍ୱାରା ହଜମ ପ୍ରକ୍ରିୟା ବଜାୟ ରହେ। ଏହା ମଧ୍ୟ ଭୋକର ବିନ୍ଦୁ ଏବଂ ଏହାର ପ୍ରଭାବରେ ମୋଟାପଣର ସମ୍ଭାବନା ମଧ୍ୟ ହ୍ରାସ ପାଇଥାଏ।

**ଶୁକ୍ରାଣୁ ଉତ୍ପାଦନ:**
ବିଶ୍ୱାସ କରାଯାଏ ଯେ ପୁରୁଷମାନେ କାନ ଫୋଡେଇଲେ ଏହା ସେମାନଙ୍କ ଶୁକ୍ରାଣୁ ଉତ୍ପାଦନରେ ସାହାଯ୍ୟ କରିଥାଏ। ଏହି କାରଣରୁ ପୁଅମାନଙ୍କର ପ୍ରଜନନ ସ୍ୱାସ୍ଥ୍ୟକୁ ବଜାୟ ରଖିବାରେ ବିଭିନ୍ନ ସମ୍ପ୍ରଦାୟରେ କାନଫୋଡାକୁ ଏକ ଜରୁରୀ ପରମ୍ପରା ଭାବେ ଗ୍ରହଣ କରାଯାଏ।

# ଜାଇଫଳର ଉପକାର



**ଜା**ଇଫଳ ଖାଲି ଖାଦ୍ୟର ସ୍ୱାଦ ବଢାଇ ନ ଥାଏ, ଏହା ଶରୀର ପାଇଁ ମଧ୍ୟ ବହୁତ ଲାଭଦାୟକ। ଏହାକୁ ଔଷଧ ତିଆରି ପାଇଁ ମଧ୍ୟ ବହୁଳ ଭାବରେ ବ୍ୟବହୃତ ହୁଏ। ଆପଣ ଜାଣନ୍ତି କି ଜାଇଫଳ ମଧ୍ୟ ପିଲାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ।

☐ ତେବେ ପିଲାକୁ ଯଦି କାଶ ହେଉଥାଏ ଏକ ଚାମଚ ଜାଇଫଳ ଖାଇବାକୁ ଦିଅନ୍ତୁ। ଏହାପରେ ସେମାନେ ଯଥା ଶିଘ୍ର କାଶ ଏବଂ ଥଣ୍ଡାରୁ ମୁକ୍ତି ପାଇଯିବେ। ଏହା ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢାଇଥାଏ।

☐ ଯେତେବେଳେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୁଏ, ସେତେବେଳେ ଅନେକ ରୋଗ ଏବଂ ସଂକ୍ରମଣର ଆଶଙ୍କା ବଢିଯାଏ। ଏଭଳି ପରିସ୍ଥିତିରେ, ପିଲାମାନଙ୍କୁ ଏକ ଚାମଚ ଜାଇଫଳକୁ ଚଟେଇଦେଲେ ରୋଗ ପ୍ରତିରୋଧକ ଶକ୍ତି ଦୃଢ ହୋଇପାରେ।

☐ ଏହି ମସଲାରେ ହଜମକାରୀ ଏନ୍ଜାଇମ୍ ଥାଏ, ଯାହା ଶିଶୁର ହଜମ ପ୍ରକ୍ରିୟାକୁ ମଜବୁତ କରିଥାଏ। ପିଲାମାନେ ଅନେକ ସମୟରେ ପେଟ ଯନ୍ତ୍ରଣା ଏବଂ ଗ୍ୟାସ ସମସ୍ୟାରେ ପୀଡିତ ହୋଇଥାନ୍ତି। ଏକ ଚାମଚ ଜାଇଫଳ ପାଉଡର୍କୁ ମହୁରେ ମିଶାଇ ଏହାକୁ ଚାଟିବା ଦ୍ୱାରା ପେଟ ଯନ୍ତ୍ରଣା ଏବଂ ଗ୍ୟାସ ସମସ୍ୟାରୁ ମୁକ୍ତି ମିଳିଥାଏ।

☐ ବର୍ଷା ଏବଂ ଶୀତ ଋତୁରେ ମଧ୍ୟ ଆପଣ ପିଲାମାନଙ୍କୁ ଜାଇଫଳ ଦେଇପାରିବେ। ଯଦି ଏହି ଋତୁରେ ଥଣ୍ଡା ଏବଂ କାଶ ଅଛି, ତେବେ କିଛି ସୋରିଷ ତେଲରେ ଜାଇଫଳ ପାଉଡର ମିଶାନ୍ତୁ। ଏହାକୁ ସାମାନ୍ୟ ଗରମ କରନ୍ତୁ ଏବଂ ପିଲାମାନଙ୍କର ଛାତିରେ ମାଲିସ୍ କରନ୍ତୁ। ଥଣ୍ଡା ଏବଂ କାଶରୁ ଆରାମ ମିଳିବ। ଜାଇଫଳ ତେଲରେ ଥିବା ଆଣ୍ଟି-ଇନ୍ଫ୍ଲାମେଟୋରୀ ଗୁଣ ମଧ୍ୟ ଲାଭଦାୟକ ହୋଇଥାଏ।

☐ ଯଦି ଶିଶୁର ଦାନ୍ତ ଉଠିବାରେ ବିଳମ୍ବ ହୁଏ ଜାଇଫଳ ଏବଂ ମିଶ୍ରୀକୁ ଗ୍ରାଇଣ୍ଡ କରି ଏକ ପାଉଡର ତିଆରି କରନ୍ତୁ। ଏହାକୁ କ୍ଷୀର କିମ୍ବା ପାଣିରେ ମିଶାଇ ପିଲାକୁ ଦିଅନ୍ତୁ। ଏହି କାରଣରୁ, ଦାନ୍ତ ଶୀଘ୍ର ଉଠିପାରେ। ଜାଇଫଳ ତେଲ ଦାନ୍ତ ଉଠିବା ସମୟର ଯନ୍ତ୍ରଣାକୁ ମଧ୍ୟ ହ୍ରାସ କରିବାରେ ସାହାଯ୍ୟ କରେ। ଆପଣ ଏହି ତେଲକୁ ଶିଶୁର ଚର୍ମରେ ମଧ୍ୟ ଲଗାଇ ପାରିବେ, ଏହା ଚର୍ମକୁ କୋମଳ ଏବଂ ଚିକ୍କଣ କରିପାରେ।

☐ ଜାଇଫଳରେ ଥିବା ଔଷଧୀୟ ଗୁଣ ମେଟାବୋଲିଜିମକୁ ବଢାଇଥାଏ। ଏହାକୁ ଗ୍ରାଇଣ୍ଡ୍ କରି କ୍ଷୀରରେ ମିଶାଇ ପିଲାକୁ ଖାଇବାକୁ ଦିଅନ୍ତୁ, ହଜମ ଭଲ ହେବ। ଯେଉଁ ପିଲାମାନେ ଠିକ୍ରେ ଖାଦ୍ୟ ନ ଖାଉଥିବେ ସେମାନଙ୍କୁ ମଧ୍ୟ କ୍ଷୀରରେ ମିଶାଇ ଖାଇବାକୁ ଦେଇପାରିବେ। ଏହା ସେମାନଙ୍କର ଭୋକକୁ ବଢାଇଥାଏ।

# ରାତିରେ ଖାଉଛନ୍ତି କି କଦଳୀ ?



**କ**ଦଳୀ ଏକ ସ୍ୱାସ୍ଥ୍ୟୋପଯୋଗୀ ଫଳ। ଏଥିରେ ୨୫ ପ୍ରତିଶତ ସୁଗାର ରହିଥାଏ, ଯାହା ଶରୀରର ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରିଥାଏ। ଦିନ ତମାମ ପରିଶ୍ରମ ପରେ ଶରୀରକୁ ଆବଶ୍ୟକ ଶକ୍ତି କଦଳୀରୁ ମିଳିଥାଏ। ଏଥିରେ ଆଇରନ ମାତ୍ରା ଭରପୂର ରହିଥାଏ। ଏହା ଶରୀରରେ ହିମୋଗ୍ଲୋବିନ୍ ମାତ୍ରାକୁ ବଢ଼ାଇଥାଏ। କଦଳୀରେ ଭିଟାମିନ୍-ବି ମଧ୍ୟ ପ୍ରଚୁର ପରିମାଣରେ ରହିଥାଏ। ଏହା ଦେହ ପାଇଁ ଲାଭଦାୟକ । ତେବେ ରାତିରେ କଦଳୀ ଖାଇବାକୁ ଅନେକେ ମନା କରିଥାନ୍ତି। ଅବଶ୍ୟ ଏହା ପଛରେ ରହିଛି ବିଶେଷ କାରଣ ରାତିରେ କଦଳୀ ଖାଇବା ଦ୍ୱାରା କାଶ, ଥଣ୍ଡା ଓ କଫ ସମସ୍ୟା ବଢ଼ିଥାଏ। ଏଥିସହ ଖାଦ୍ୟ ହଜମରେ ମଧ୍ୟ ଏହା ସମସ୍ୟା ସୃଷ୍ଟି କରିଥାଏ। ଏହାକୁ ଖାଇବା ପରେ ଆଳସ୍ୟ ମଧ୍ୟ ଅନୁଭୂତ ହୋଇଥାଏ। ଥଣ୍ଡାଜନିତ ସମସ୍ୟାରେ ଆକ୍ରାନ୍ତ ବ୍ୟକ୍ତି କଦଳୀ ଖାଇବା ଅନୁଚିତ ବୋଲି ଆୟୁର୍ବେଦରେ କୁହାଯାଇଛି।

# ଚର୍ଚ୍ଚାରେ ବଲିଉଡ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍



**ପୁ**ଣି ଚର୍ଚ୍ଚାରେ ବଲିଉଡ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍। ଓଜନ ବୃଦ୍ଧିକୁ ନେଇ ସୋସିଆଲ ମିଡିଆରେ ଟ୍ରୋଲ ହେବାପରେ ଏବେ ସେ ନିଜ ଷ୍ଟାଇଲିସ ଲୁକକୁ ନେଇ ସାଉଁଟିଛନ୍ତି ପ୍ରଶଂସା। ଲଣ୍ଡନରେ ନିଜ ସୌନ୍ଦର୍ଯ୍ୟ ପ୍ରସାଧନ ବ୍ରାଣ୍ଡର କାର୍ଯ୍ୟକ୍ରମ ଅବସରରେ କ୍ୟାଟ୍ରିନା ଏକ ଆକର୍ଷଣୀୟ ବାଦାମୀ ରଙ୍ଗର ପୋଷାକରେ ନଜର ଆସିଥିଲେ। ତାଙ୍କର ଏହି ଲୁକକୁ ପ୍ରଶଂସକମାନେ ବେଶ ପସନ୍ଦ କରୁଛନ୍ତି। କ୍ୟାଟ୍ରିନାଙ୍କ ଏହି ଲୁକ ଓ ଆତ୍ମବିଶ୍ୱାସ ଏବେ ପ୍ରଶଂସକଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। କ୍ୟାଟ୍ରିନାଙ୍କୁ ନେଇ ଓଜନ ବୃଦ୍ଧି ସମ୍ପର୍କିତ ଟ୍ରୋଲିଂ ମଧ୍ୟରେ ନିଜକୁ ଭଲ ପାଇବା ଏବଂ ନିଜ ଉପରେ ଭରସା ରଖିବାର ବାର୍ତ୍ତା ଗୁରୁତ୍ୱ ବହନ କରୁଛି। ମହିଳାମାନେ ନିଜକୁ ଭଲ ପାଇବା ସହ ନିଜର ସବୁଠାରୁ ବଡ଼ ସମର୍ଥକ ହେବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି।

# ପକ୍କା ଘର ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିବଦ୍ଧ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର,(ପିପିଏସ୍): ଆମେ ଏପରି ଏକ ଭୁବନେଶ୍ୱର ଗଢିବାକୁ ଚାହୁଁଛୁ, ଯେଉଁଠି ଗରିବ ପରିବାର ସମ୍ମାନର ସହ ରହି ପାରିବେ। ଶ୍ରମିକ ମାନେ ସୁଲଭ ଅବାସ ପାଇ ପାରିବେ, ଯୁବପିଢି ନିଜ ପ୍ରତିଭା ବିକଶିତ କରିପାରିବେ ଏବଂ ପ୍ରତ୍ୟେକ ନାଗରିକ ସୁସ୍ଥ ଓ ଉନ୍ନତ ଜୀବନଯାପନ କରିପାରିବେ । ଘାଟିକିଆ ଠାରେ ସୁଲଭ ଆବାସିକ ପ୍ରକଳ୍ପ ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଘାଟିକିଆଠାରେ 'ନୀଳକଣ୍ଠେଶ୍ୱର ନିବାସ' ଏବଂ ଗାଡ଼କଣଠାରେ 'ମୁକ୍ତେଶ୍ୱର ରେସିଡେନ୍ସି' ନାମକ ଦୁଇଟି ସୁଲଭ ଆବାସିକ ପ୍ରକଳ୍ପ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି । ଗାଡ଼କଣରେ ୬ ଏକରରୁ ଅଧିକ ଜମି ଉପରେ ପ୍ରାୟ ୯୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬୮୦ଟି ଆବାସ ଗୃହ ଏବଂ ଘାଟିକିଆରେ ୫ ଏକରରୁ ଅଧିକ ଜମି ଉପରେ ୬୬ କୋଟି ୪୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୯୨୮ଟି ଆବାସ, ଅର୍ଥାତ୍ ମୋଟ ୧,୬୦୮ଟି ସୁଲଭ ଆବାସ ଲୋକାର୍ପିତ କରିଛନ୍ତି।ଏଥିସହିତ ବୁଦ୍ଧ ବିହାର, ନୀଳମାଧବ, ସୁବୁଦ୍ଧିପୁର ଓ ଶାନ୍ତିପଲ୍ଲୀଠାରେ ମଧ୍ୟ ୯୬୨ଟି ପରିବାରକୁ ଗୃହପ୍ରବେଶ କରାଯାଇଛି। କେବଳ ଆବାସ ନୁହେଁ, ପିଲାମାନଙ୍କ କ୍ରୀଡ଼ା ପ୍ରତିଭା ବିକଶିତ କରିବା ଏବଂ ବରିଷ୍ଠ ନାଗରିକଙ୍କ ସୁସ୍ଥତା ପାଇଁ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ବିଡ଼ିଏ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ୧୨ଟି ଅତ୍ୟାଧୁନିକ ଖେଳପଡ଼ିଆକୁ ମଧ୍ୟ ଲୋକଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଉତ୍ସର୍ଗ କରିଛନ୍ତି। ଏହି ଖେଳପଡ଼ିଆଗୁଡ଼ିକ ମଧ୍ୟରେ ବଜରଙ୍ଗୀ, କେ-୪, କୋଳଥିଆ, ତମାଣ୍ଡୋ, ନଖରା, ସିବିଏସ୍ଇ ଆଞ୍ଚଳିକ କାର୍ଯ୍ୟାଳୟ, ଯଦୁପୁର, ଡମଣା ହାଇସ୍କୁଲ, ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱର ସେଣ୍ଟ୍ରାଲ ୟୁପି ସ୍କୁଲ, ଘାଟିକିଆ, ୟୁନିଟ୍-୮ ବାଳକ ଉଚ୍ଚ ବିଦ୍ୟାଳୟ ଏବଂ ସହିଦ ନଗର ହାଇସ୍କୁଲ ଖେଳପଡ଼ିଆ ଅନ୍ତର୍ଭୁକ୍ତ। ସହରରେ ପ୍ରବାସୀ ଶ୍ରମିକ ଓ ନିମ୍ନ ଆୟବର୍ଗର ପରିବାରଙ୍କୁ ସୁଲଭ ଭଡ଼ାରେ ଘର ଯୋଗାଇ ଦେବା ପାଇଁ "PMAY -Urban BANDHU" ଯୋଜନା ଆରମ୍ଭ କରାଯାଇଥିବା କଥା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଗାଡ଼କଣଠାରେ ସୁଲଭ ଭଡ଼ା ଆବାସ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାଦ୍ୱାରା ଶ୍ରମିକମାନେ ନିଜ କାର୍ଯ୍ୟସ୍ଥଳୀ ନିକଟରେ କମ୍ ଭଡ଼ାରେ ରହିପାରିବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଘାଟିକିଆସ୍ଥିତ 'ନୀଳକଣ୍ଠେଶ୍ୱର ରେସିଡେନ୍ସି'ର କେତେ ଜଣ ହିତାଧିକାରୀଙ୍କ ବାସଗୃହ ଆବଣ୍ଟନ କରିଛନ୍ତି। ଏହାସହିତ ମୁଖ୍ୟମନ୍ତ୍ରୀ ବୁଦ୍ଧବିହାର ବାସିନ୍ଦା ତୁଳସୀ ତିରିଆଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା, ଦୁର୍ଗା ଚରଣ ସିଂହଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା, ରଶ୍ମିକା ନାଏକଙ୍କୁ ୧ ଲକ୍ଷ ୩୫ ହଜାର ଟଙ୍କା, ସର୍ବେଶ୍ୱର ଗୟାଙ୍କୁ ୧ ଲକ୍ଷ ୨୫ ହଜାର ଟଙ୍କା ଏବଂ ପ୍ରଫୁଲ୍ଲ ମହାରଣାଙ୍କୁ ୧ ଲକ୍ଷ ୩୫ ହଜାର ଟଙ୍କାର ବ୍ୟାଙ୍କ ଋଣ ସହାୟତା ରାଶି ମଧ୍ୟ ନିଜ ହସ୍ତରେ ବିତରଣ କରିଛନ୍ତି ।

ଏହି ଅବସରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଏହି ବାସଗୃହଗୁଡ଼ିକ ବସ୍ତି ବାସିନ୍ଦାମାନଙ୍କୁ ଏକ ନୂଆ ପରିଚୟ ପ୍ରଦାନ କରିବ । ସମସ୍ତ ବସ୍ତି ବାସିନ୍ଦାଙ୍କୁ ସୁନ୍ଦର ତଥା ସୁଲଭ ମୂଲ୍ୟରେ ବାସଗୃହ ଯୋଗାଇ ଦେବା ପାଇଁ ଆମ ମୁଖ୍ୟମନ୍ତ୍ରୀ ସ୍ୱପ୍ନ ଦେଖିଛନ୍ତି, ଯାହାଦ୍ୱାରା କେହି ବି ସେମାନଙ୍କର ଜୀବନଶୈଳୀ ଉପରେ ପ୍ରଶ୍ନ ଉଠାଇ ପାରିବେ ନାହିଁ।ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ କହିଥିଲେ ଯେ, ଆପଣମାନଙ୍କର ସ୍ୱପ୍ନ ଖୁବ୍‌ଶୀଘ୍ର ପୂରଣ ହେଲା । ଭୁବନେଶ୍ୱରରେ ନିଜର ଏକ ଘରଟିଏ କରିବା ସମସ୍ତଙ୍କ ପାଇଁ ଏକ ବଡ଼ ସ୍ୱପ୍ନ ହୋଇଥାଏ, ତେଣୁ ଯେତେବେଳେ ଜଣେ ଗରିବ ଲୋକ ଭୁବନେଶ୍ୱରରେ ନିଜର ଘରଟିଏ ପାଇବ, ସେ ନିଶ୍ଚିତ ଭାବରେ ଅତ୍ୟନ୍ତ ଆନନ୍ଦିତ ହେବ ।

ଖୋର୍ଦ୍ଧା ବିଧାୟକ ଶ୍ରୀ ପ୍ରଶାନ୍ତ ଜଗଦେବ କହିଥିଲେ ଯେ, ସମସ୍ତଙ୍କୁ ଉତ୍ତମ ଖାଦ୍ୟ, ବାସଗୃହ ଓ ପୋଷାକ ଯୋଗାଇଦେବା ଆମର ମୂଳ ଲକ୍ଷ୍ୟ ଏବଂ ଏହା ପ୍ରତ୍ୟେକ ନାଗରିକଙ୍କର ଏକ ମୌଳିକ ଅଧିକାର । ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ କହିଥିଲେ ଯେ, ଭୁବନେଶ୍ୱରବାସୀଙ୍କ ପାଇଁ ଏହା ଅତ୍ୟନ୍ତ ଖୁସିର ମୁହୂର୍ତ୍ତ ଏବଂ ଆପଣ ସମସ୍ତଙ୍କ ପାଇଁ ଏହା ଏକ ପୂଜା ଭେଟି ଅଟେ । ବିଡିଏର ଭାଇସ୍ ଚେୟାରମ୍ୟାନ୍ ତଥା ଭୁବନେଶ୍ୱର ମହାନଗର ନିଗମ କମିଶନର୍ ଚଞ୍ଚଳ ରାଣା ସ୍ୱାଗତ ଭାଷଣ ଦେଇଥିଲେ । ବିଡିଏର ସଚିବ ମାନସ ରଞ୍ଜନ ପାଢ଼ୀ ଧନ୍ୟବାଦ୍ ଦେଇଥିଲେ।




ମା' କଟକ ଚଣ୍ଡୀଙ୍କ 'ଜଗଦ୍ଧାତ୍ରୀ ବେଶ, 'ଗଡ଼ଚଣ୍ଡୀଙ୍କ 'ତାରା' ବେଶ

## ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ବିରଳ ଅସ୍ତ୍ରୋପଚାର

# ପ୍ରଥମ ଥର ପାଇଁ ଉଭୟ ଆଣ୍ଠୁ ପ୍ରତିରୋପଣ ସଫଳ



ବ୍ରହ୍ମପୁର, (ପିପିଏସ୍): ବ୍ରହ୍ମପୁରର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଏଏସ୍‌ପି) ଆଲୋକ ଜେନାଙ୍କ ୬୫ ବର୍ଷୀୟା ମା' ଉଭୟ ଆଣ୍ଠୁର ଅତ୍ୟଧିକ ଅସ୍ଥିକ୍ଷୟ ଜନିତ ରୋଗରେ ପୀଡ଼ିତ ଥିଲେ। ଏହା ଯୋଗୁଁ ତାଙ୍କୁ ଉଭୟ ଆଣ୍ଠୁରେ ପ୍ରବଳ ଯନ୍ତ୍ରଣା ହେବା ସହ ଚାଲିବାରେ ବହୁତ କଷ୍ଟ ହେଉଥିଲା। ସମସ୍ତ ଆବଶ୍ୟକୀୟ ପରୀକ୍ଷା ଓ ଚିକିତ୍ସାଗତ ମୂଲ୍ୟାଙ୍କନ ପରେ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ, ବ୍ରହ୍ମପୁରର ଅସ୍ଥିଶଲ୍ୟ ବିଭାଗରେ ପ୍ରଥମ ଥର ପାଇଁ ତାଙ୍କର ଉଭୟ ଆଣ୍ଠୁର ସମ୍ପୂର୍ଣ୍ଣ ପ୍ରତିରୋପଣ ଅସ୍ତ୍ରୋପଚାର କରିବାକୁ ନିଷ୍ପତ୍ତି ନିଆଗଲା। ଅସ୍ଥିଶଲ୍ୟ ବିଭାଗର ପ୍ରାଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ସମ୍ବିତ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଥିଲା। ଡାକ୍ତର ପଣ୍ଡା ରୋଗୀଙ୍କ ଚିକିତ୍ସା ପ୍ରତି ବ୍ୟକ୍ତିଗତ ଭାବେ ଧ୍ୟାନ ଦେବା ସହ ଅସ୍ଥିଶଲ୍ୟ ଓ ନିଶ୍ଚେତକ ବିଭାଗର ଡାକ୍ତରୀ ଦଳ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିଥିଲେ। ତିନି ଘଣ୍ଟାରୁ କମ୍ ସମୟ ମଧ୍ୟରେ ଏହି ଅସ୍ତ୍ରୋପଚାର ସମ୍ପନ୍ନ ହୋଇଥିଲା।

ଅସ୍ତ୍ରୋପଚାରର ୨୪ ଘଣ୍ଟା ମଧ୍ୟରେ ରୋଗୀ ଆରାମରେ ବସିବା ସହ ନିଜ ଆଣ୍ଠୁ ଚଳପ୍ରଚଳ କରିପାରିଥିଲେ। ପରଦିନଠାରୁ ସେ ସାମାନ୍ୟ ଯନ୍ତ୍ରଣା ସହ ୱାକର ସାହାଯ୍ୟରେ ଚାଲିବା ଆରମ୍ଭ କରିଥିଲେ। ଅସ୍ତ୍ରୋପଚାରର ସପ୍ତମ ଦିନରେ ମଧ୍ୟ ସେ ୱାକର ସାହାଯ୍ୟରେ ଆରାମରେ ଚାଲିପାରୁଛନ୍ତି। ଆଗାମୀ ତିନି ସପ୍ତାହ ମଧ୍ୟରେ ସେ ବିନା ସାହାଯ୍ୟରେ ନିଜର ଦୈନନ୍ଦିନ କାର୍ଯ୍ୟ ସ୍ୱାଭାବିକ ଭାବେ କରିପାରିବେ ବୋଲି ଆଶା କରାଯାଉଛି। ଏହି ସଫଳତା ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଅସ୍ଥିଶଲ୍ୟ ବିଭାଗ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। ଏହା ପ୍ରଫେସର ଡାକ୍ତର ସମ୍ବିତ କୁମାର ପଣ୍ଡାଙ୍କ ଦକ୍ଷ ନେତୃତ୍ୱ, ମାନ୍ୟବର ଡିନ୍ ସାର, ଅଧୀକ୍ଷକ ମ୍ୟାଡାମ୍ ଓ ପ୍ରଶାସନିକ ଅଧିକାରୀଙ୍କର ସମସ୍ତ ପ୍ରକାର ସହଯୋଗ ଓ ପ୍ରଶାସନିକ ସମର୍ଥନ, ଏବଂ ଅସ୍ଥିଶଲ୍ୟ ଓ ନିଶ୍ଚେତକ ବିଭାଗର ଡାକ୍ତରୀ ଦଳର ସମନ୍ୱିତ ପ୍ରୟାସର ପ୍ରତିଫଳନ। ଏହି ସଫଳତା ଦକ୍ଷିଣ ଓଡ଼ିଶାର ରୋଗୀମାନଙ୍କୁ ଉନ୍ନତମାନର ଆଣ୍ଠୁ ପ୍ରତିରୋପଣ ଚିକିତ୍ସା ସେବା ଯୋଗାଇବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ।

## ସରକାରୀ କାଫେରେ ତାଲା

# ଭଡ଼ା ଘରେ ବିଡ଼ିଓଙ୍କ କାଫେ ଉଦ୍‌ଘାଟନ



ଅସ୍ତରଙ୍ଗ, (ପିପିଏସ୍): ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ତିଆରି କଲେ ମିଶନ ଶକ୍ତି କାଫେ। ହେଲେ ପୁରୀ ଜିଲ୍ଲା କାକଟପୁର ବ୍ଲକ ନିକଟରେ ସେହି ସରକାରୀ କାଫେରେ ଏବେ ତାଲା ଝୁଲୁଛି। ସେପଟେ ମିଶନ ଶକ୍ତି ମହିଳାମାନେ ବାଧ୍ୟ ହୋଇ ଭଡା ଘରେ ସୁଭଦ୍ରା ଶକ୍ତି କାଫେ ଆରମ୍ଭ କରିଛନ୍ତି। ସରକାରୀ କୋଠା ଏବେ ଭୂତକୋଠି ପାଲଟି ଖତ ଖାଉଛି। ଏହା ପ୍ରଶାସନିକ ଅପାରଗତାର ଚରମ ନିଦର୍ଶନ। ପୂର୍ବ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ମିଶନ ଶକ୍ତି କାଫେ ଯୋଜନା ଆରମ୍ଭ କରିଥିଲେ। ଏହି କ୍ରମରେ ପୁରୀ ଜିଲ୍ଲା କାକଟପୁର ବ୍ଲକ ଫାଟକ ନିକଟରେ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଏକ ଅତ୍ୟାଧୁନିକ କାଫେ ନିର୍ମାଣ କରାଯାଇଥିଲା। ଏହି ସ୍ଥାନଟି ବ୍ଲକର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଏଠାରେ ବ୍ଲକ କାର୍ଯ୍ୟାଳୟ ସହ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ,ନିକଟରେ କୃଷି କାର୍ଯ୍ୟାଳୟ,ସିଡିପିଓ ଅଫିସ, କୋର୍ଟ ରହିଛି। ପ୍ରତିଦିନ ଶତାଧିକ ଲୋକ ବିଭିନ୍ନ ସରକାରୀ କାମରେ ଏଠାକୁ ଆସନ୍ତି। ଯଦି ଏଠାରେ କାଫେ ସଠିକ ସମୟରେ କାର୍ଯ୍ୟକ୍ଷମ ହୋଇଥାନ୍ତା ତେବେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସ୍ୱାବଲମ୍ବୀ ହେବା ସହ ଆସୁଥିବା ସାଧାରଣ ଲୋକେ ଚା, ଜଳପାନ ସୁବିଧା ପାଇଥାନ୍ତେ। ସରକାରଙ୍କ ଉଦ୍ଦେଶ୍ୟ ସଫଳ ହୋଇଥାନ୍ତା। ମହିଳାଙ୍କ ଆର୍ଥିକ ଉନ୍ନତି ହୋଇଥାନ୍ତା। କିନ୍ତୁ କିଛି ମାସ ପୂର୍ବେ ମିଶନ ଶକ୍ତି କାଫେ ଉଦଘାଟନ ଦିନ ରାଜନୀତି ପଶିଲା। ଦୁଇ ରାଜନୈତିକ ଗୋଷ୍ଠୀ ମଧ୍ୟରେ କନ୍ଦଳ ଆରମ୍ଭ ହେଲା। କିଏ ଉଦଘାଟନ କରିବ, କାହା ନାଁ ଫଳକରେ ରହିବ ତାକୁ ନେଇ ବିବାଦ ବଢିଲା। ଶେଷରେ ଉଦଘାଟନ ପୂର୍ବରୁ କାଫେର ମାର୍ବଲ ଫଳକକୁ ଭାଙ୍ଗି ଦିଆଗଲା। ସେହି ଦିନ ଠାରୁ କାଫେରେ ତାଲା ଝୁଲୁଛି। ସଠିକ ସମୟରେ କାର୍ଯ୍ୟକ୍ଷମ ନ ହେବାରୁ ଏବେ ପୁନର୍ବାର ସରକାରୀ ପାଣ୍ଠିରୁ ଅର୍ଥ ଖର୍ଚ୍ଚ ହେବ ବୋଲି ବିଡିଓ ନିଜେ ସ୍ୱୀକାର କରିଛନ୍ତି। ଏହା ପ୍ରଶାସନର ଚରମ ବିଫଳତା।ବିଡିଓଙ୍କ ନିଷ୍କ୍ରିୟତା ଯୋଗୁଁ ଏଭଳି ହେଲା। ଏ ନେଇ କାକଟପୁର ବିଡିଓ ଶ୍ରୀଯୁକ୍ତ ନାରାୟଣ ଦୀକ୍ଷିତି ପ୍ରତିକ୍ରିୟାରେ କହିଛନ୍ତି, କାକଟପୁର ବ୍ଲକ ଫାଟକ ନିକଟରେ ପୂର୍ବରୁ ନିର୍ମାଣ ହୋଇଥିବା ମିଶନ ଶକ୍ତି କାଫେ ଅନୁଧ୍ୟାନ କରିଛୁ। ଭିତରେ କିଛି ଆଂଶିକ ମରାମତି ଆବଶ୍ୟକ ରହିଛି। ଏହି ଜିପିଡିପିରେ ଆମେ ଏକ ଲକ୍ଷ ଟଙ୍କା ବ୍ୟବସ୍ଥା କରିଛୁ। ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛି ପନ୍ଦର ଦିନ ଭିତରେ କାର୍ଯ୍ୟକ୍ଷମ କରିବେ। ଅର୍ଥାତ ପ୍ରଶାସନ ନିଜେ ସ୍ୱୀକାର କରୁଛି ଗୋଟିଏ ଭୁଲ ପାଇଁ ଦୁଇ ଥର ସରକାରୀ ଟଙ୍କା ଖର୍ଚ୍ଚ ହେବ। ଏହା ବିଡିଓଙ୍କ ଅପାରଗତାର ପ୍ରମାଣ। ସରକାରୀ ସମ୍ପତ୍ତିକୁ ସୁରକ୍ଷା ଦେଇ ନ ପାରିବା ଏବଂ ରାଜନୈତିକ ଚାପରେ ନତମସ୍ତକ ହେବା ବିଡିଓଙ୍କ ଦୁର୍ବଳତାକୁ ଦର୍ଶାଉଛି। ଲୋକେ ପ୍ରଶ୍ନ କରୁଛନ୍ତି ଫଳକ ଭାଙ୍ଗିଲା କିଏ, କାର୍ଯ୍ୟାନୁଷ୍ଠାନ କାହିଁକି ହେଲାନି। ଅନ୍ୟପଟେ ସରକାରୀ ମିଶନ ଶକ୍ତି କାଫେରେ ତାଲା ଝୁଲୁଥିବା ବେଳେ କାକଟପୁର ସରକାରୀ ବସଷ୍ଟାଣ୍ଡ ଭିତରେ ଥିବା ମାର୍କେଟ ବିଲଡିଂରେ ମହିଳାମାନେ ଭଡା ସୂତ୍ରରେ ଘରକୁ ନେଇ ଆରମ୍ଭ କରିଛନ୍ତି ସୁଭଦ୍ରା ଶକ୍ତି କାଫେ। ଏହି ଭଡା କାଫେକୁ ମଙ୍ଗଳବାର ଅପରାହ୍ନରୁ ଆରମ୍ଭ କରାଯାଇଛି। ଏହି ଭଡା କାଫେକୁ ନିଜେ ବିଡିଓ ଉଦଘାଟନ କରିବା ହାସ୍ୟାସ୍ପଦ ଓ ଆଶ୍ଚର୍ଯ୍ୟଜନକ। ନିଜ ସରକାରୀ କୋଠାକୁ ସୁରକ୍ଷା ଦେଇ ପାରୁ ନଥିବା ବିଡିଓ ଭଡା ଘରେ କାଫେ ଉଦଘାଟନ କରିବା ପ୍ରଶାସନର ମୁଖା ଖୋଲି ଦେଇଛି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ଟଙ୍କା ଅପଚୟ ପାଇଁ ବିଡିଓ ଦାୟୀ ବୋଲି ଲୋକେ କହୁଛନ୍ତି। ତୁରନ୍ତ ତଦନ୍ତ ହେଉ।




ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ୍ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ଓଲଟି ପ୍ରତିଶୋଧ ନେବ ।

-ଡକ୍ଟର ହରେକୃଷ୍ଣ ମହତାବ

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୧୪।୧୦ ।୨୦୨୬ ■ ବୁଧବାର

# ଆତ୍ମମନ୍ଥନ କରୁ ବିପକ୍ଷ

ଯେତେବେଳେ ଭୋଟର ତାଲିକାର ବିଶେଷ ଗହନ ପୁନଃନିରୀକ୍ଷଣ ଅର୍ଥାତ୍ ଏସ୍.ଆଇ.ଆର୍. ବିରୁଦ୍ଧରେ ବିପକ୍ଷ ସଂକୀର୍ଣ୍ଣ ରାଜନୈତିକ କାରଣରୁ ଆନ୍ଦୋଳନ ଚଳାଇଛି ଓ ସୁପ୍ରିମକୋର୍ଟରେ ପୁଣି ଏକ ଆବେଦନ ବିଚାର ପାଇଁ ନାଟକୀୟ ଢଙ୍ଗରେ ଦାଖଲ କରିଛି, କକ୍ରୋଚ ଜନତା ପାର୍ଟି ମଧ୍ୟ ଦିଲ୍ଲୀରେ ଧାରଣା ବିକ୍ଷୋଭ ପ୍ରଦର୍ଶନ କରିବା ଲାଗି ପଣ ନେଇଛି, ସେତେବେଳେ ୧୨୪ ଜଣ ପୂର୍ବତନ ଅଫିସର ଜନତାଙ୍କ ନାମରେ ଏକ ପତ୍ର ଜାରି କରି ସମଗ୍ର ଦେଶର ଧ୍ୟାନ ଆକର୍ଷଣ ପାଇଁ ଦାବି କରିଛନ୍ତି । ଏପରି ସେମାନେ କରିଛନ୍ତି କାରଣ ଭାରତୀୟ ପ୍ରଶାସନିକ ସେବା ଓ ଭାରତୀୟ ବୈଦେଶିକ ସେବା ବା ଆଇ.ଏ.ଏସ୍. ଓ ଆଇ.ଏଫ୍.ଏସ୍.ର ଏହି ପୂର୍ବତନ ଅଫିସରମାନେ ଏତେ ବଡ଼ ସଂଖ୍ୟାରେ ନିଜ ପତ୍ର ଜରିଆରେ ଏପରି କିଛି କଥାର ଉଲ୍ଲେଖ କରିଛନ୍ତି, ଯାହାକୁ ଅଣଦେଖା କରିବା କଷ୍ଟକର । ସେମାନଙ୍କର କହିବା କଥା ହେଉଛି ସନ୍ଦେହ ଆଦୌ ପ୍ରମାଣ ପର୍ଯ୍ୟାୟ ନୁହେଁ । ବିଡ଼ମ୍ବନାର ବିଷୟ ଏହି ଯେ ଏସ୍.ଆଇ.ଆର୍.କୁ ନେଇ ଯେପ୍ରକାର ସନ୍ଦେହ ସୃଷ୍ଟି କରାଯାଉଛି, ତାହା ତିଳକୁ ତାଳ କରିବା ଛଡ଼ା ଅନ୍ୟ କିଛି ନୁହେଁ । ଏସ୍.ଆଇ.ଆର୍. ଭଳି ବ୍ୟାପକ ଏବଂ ଗହନ ପ୍ରକ୍ରିୟାରେ ଛୋଟ-ମୋଟ ତ୍ରୁଟି ହେବା ସ୍ୱାଭାବିକ, କିନ୍ତୁ ଏ ତ୍ରୁଟିକୁ ଭୋଟ ଚୋରିର ଆଖ୍ୟା ଦେବା ଓ ଗଣତନ୍ତ୍ରକୁ ସମାପ୍ତ କରିବା ଲାଗି ଉଦ୍ୟମ ହେଉଛି ବୋଲି କହିବା ବାସ୍ତବରେ ଲୋକଙ୍କୁ ଭ୍ରମିତ କରିବା ଛଡ଼ା ଅନ୍ୟ କିଛି ନୁହେଁ ।

ଏପ୍ରକାର ଉଦ୍ୟମ ବିପକ୍ଷ କରିବା ଦ୍ୱାରା କେବଳ ସାମ୍ବିଧାନିକ ସଂସ୍ଥାଗୁଡ଼ିକର ପ୍ରତିଷ୍ଠା ଉପରେ ଚୋଟ ପକାଉଛି ତା' ନୁହେଁ, ବରଂ ଗଣତନ୍ତ୍ର ପ୍ରତି ଲୋକଙ୍କ ଭରସାକୁ ଦୁର୍ବଳ କରିବା ଭଳି କଥା ହେଉଛି । ନିର୍ବାଚନ କମିଶନ ହେଉଛି ଏକ ସାମ୍ବିଧାନିକ ସଂସ୍ଥା ଓ ମୁଖ୍ୟ ନିର୍ବାଚନ କିଶନର ମଧ୍ୟ ସାମ୍ବିଧାନିକ ପଦରେ ଆସୀନ । ଯଦି ବିପକ୍ଷ ପାଖରେ ଏସ୍.ଆଇ.ଆର୍. ପ୍ରକ୍ରିୟାକୁ ନେଇ ତାଙ୍କ ବିରୁଦ୍ଧରେ କୌଣସି ଠୋସ୍ ପ୍ରମାଣ ଅଛି ତେବେ ତାହାକୁ ସଡ଼କରେ ଧାରଣା-ବିକ୍ଷୋଭ ଜରିଆରେ କହିବା ଅପେକ୍ଷା ସୁପ୍ରିମକୋର୍ଟ ଆଗରେ ଉପସ୍ଥାପନ କରିବା ଦରକାର । ରବିବାର ଦିନ ସର୍ବୋଚ୍ଚ ଅଦାଲତର ପ୍ରଧାନ ବିଚାରପତି ରାହୁଳ ଗାନ୍ଧୀ ଓ ତାଙ୍କ ସାଥୀମାନଙ୍କୁ ଭେଟିବେ ନାହିଁ ବୋଲି ସ୍ପଷ୍ଟ ଭାବେ କହିଦେବା ସହ ତାଙ୍କର ଯଦି କିଛି ଆପତ୍ତି ଅଛି ତାହା କୋର୍ଟରେ ଆବେଦନ କଲେ ତାହା ବିଚାର କରାଯିବ ବୋଲି କହିଲା ପରେ ସୋମବାର ଦିନ ଏସ୍.ଆଇ.ଆର୍. ପ୍ରସଙ୍ଗରେ ବିପକ୍ଷ ଆପତ୍ତି ଦାଏର କରିଛି । ଏମିତିକି ସୁପ୍ରିମକୋର୍ଟ ଏସ୍.ଆଇ.ଆର୍.କୁ ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ଶୁଣାଣି କରୁଛି । କେତେକ କ୍ଷେତ୍ରରେ ଶୁଣାଣି ପରେ ନିର୍ଣ୍ଣୟ ମଧ୍ୟ ଘୋଷଣା କରିଛି । ବିପକ୍ଷ କିନ୍ତୁ ବୁଝିବା ଦରକାର ଯେ କୌଣସି ମିଛକୁ ବାରମ୍ବାର ଦୋହରାଇଲେ ତାହା ଆଦୌ ସତ୍ୟ ହୋଇଯାଏ ନାହିଁ ।

ପୂର୍ବତନ ଅଫିସରମାନେ ନିଜ ପତ୍ରରେ ଏକଥା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ମଧ୍ୟରୁ ଅନେକ, ନିର୍ବାଚନ ପ୍ରକ୍ରିୟା ସଞ୍ଚାଳନରେ ସାମିଲ ଥିଲେ ଓ ସେମାନେ ସେ ସମୟରୁ ମଧ୍ୟ ଦେଖିଛନ୍ତି ଯେବେ ନିର୍ବାଚନରେ ବାସ୍ତବରେ ବଡ଼ ଆକାରରେ ହେରଫେର ହେଉଥିଲା । ବେଲଟ ପେପର ଚୋରି, ଭୋଟ ବାକ୍ସ ଚୋରି ଓ ଜବରଦସ୍ତ ଜାଲ ଭୋଟ ଦେବା ମଧ୍ୟ ହେଉଥିଲା । ତେଣୁ ଆଜି ଏହା କେବଳ ବିଚିତ୍ର ନୁହେଁ, ବରଂ ହାସ୍ୟାସ୍ପଦ ମଧ୍ୟ ଯେ ଏବେ ଯାଏ ଭୋଟର ତାଲିକାରେ ଅନେକ ପ୍ରକାରର ଅଶୁଦ୍ଧି ଓ ବିଶେଷ ଭାବେ ଜାଲ ଭୋଟର ସାମିଲ ଥିବା ଅଭିଯୋଗ କରୁଥିବା ବିପକ୍ଷ ଦଳ ସେ ତ୍ରୁଟି ଓ ଅଶୁଦ୍ଧିକୁ ଦୂର କରିବା ପ୍ରକ୍ରିୟା ବିରୁଦ୍ଧରେ ପ୍ରମାଣହୀନ ଆରୋପ ଲଗାଇ ନିର୍ବାଚନ କମିଶନଙ୍କ ବିରୁଦ୍ଧରେ ଉତ୍ତେଜନାପୂର୍ଣ୍ଣ ପରିବେଶ କରୁଛନ୍ତି । ଏପରି ଲାଗୁଛି ସେମାନେ ଏସଆଇଆର ଶୁଣାଣି କରୁଥିବା ସୁପ୍ରିମକୋର୍ଟ ଉପରେ ଭରସା କରିବାକୁ ପ୍ରସ୍ତୁତ ନୁହନ୍ତି । ଏହା ଏକ ବିପଜ୍ଜନକ ପ୍ରବୃତ୍ତି । ଯଦି ଗଣତନ୍ତ୍ରର ଦ୍ୱାହୀ ଦେଉଥିବା ରାଜନୈତିକ ଦଳ ସୁପ୍ରିମକୋର୍ଟ ଭଳି ସାମ୍ବିଧାନିକ ସଂସ୍ଥା ଉପରେ ବି ଭରସା କରିବ ନାହିଁ ତେବେ ନିଜର ବିଶ୍ୱସନୀୟତା ହରାଇବସିବ । ବିପକ୍ଷକୁ ପୂର୍ବତନ ଅଫିସରଙ୍କ ପତ୍ର ଉପରେ ଆତ୍ମମନ୍ଥନ କରିବା ଦରକାର । ପୂର୍ବରୁ ପୂର୍ବତନ ବିଚାରପତିମାନେ ମଧ୍ୟ ଏ ପ୍ରକାର ପତ୍ର ଲେଖିଥିଲେ । ▢▢

# ଆରକ୍ଷଣ: ସାମ୍ବିଧାନିକ ମୌଳିକ ଅଧିକାର ନୁହେଁ

**ଡ଼ ମନୋଜ କୁମାର ମହାନ୍ତି**

ବାସ୍ତବରେ ସମସ୍ୟା ଘେରରେ ବିଶ୍ୱର ଦେଶ ସମୂହ । ଖାଦ୍ୟ,ସ୍ୱାସ୍ଥ୍ୟ ଓ ଶିକ୍ଷା ଅଧିକାଂଶ ଦେଶର ଏକ ପ୍ରମୁଖ ସମସ୍ୟାରୂପେ ଦୃଶ୍ୟମାନ । ଏଥିସହ ଆଭ୍ୟନ୍ତରୀଣ ଗୃହଯୁଦ୍ଧ, ଆତ୍ମନିଯୁକ୍ତି ଓ ବେକାର ସମସ୍ୟା, ପୁଣି କେଉଁଠି କ୍ରମାଗତ ଯୁଦ୍ଧ, ଧର୍ମଗତ ସଙ୍ଘର୍ଷ ଏବଂ ଦୁର୍ନୀତି ଭଳି ମହାବ୍ୟାଧିରେ ଆକ୍ରାନ୍ତ ଶାସନତନ୍ତ୍ର । ଏସବୁ ସତ୍ତ୍ୱେ କିଛିଗୋଷ୍ଠୀ ଆର୍ଥିକସ୍ତରରେ ବେଶ ସବଳ, ଆଉକିଛି ଦାରିଦ୍ର୍ୟ ସୀମାରେଖାର ଅମାଅନ୍ଧକାର ମଧ୍ୟରେ କାଳାତିପାତ ଏକ ବୃହତ ଅସମାନତା । ଆଜି ଭାରତରେ ମଧ୍ୟ ଅନେକ ସମସ୍ୟା । ଲିଖିତ ଇତିହାସ ପୃଷ୍ଠାରୁ ଭାରତବର୍ଷକୁ ଦେଖିଲେ, ଭିନ୍ନଭିନ୍ନ ସମୟରେ ଅନେକ ସମସ୍ୟା ଦୃଷ୍ଟିଗୋଚର ହୁଏ । ଗୋଷ୍ଠୀଗତ ଜୀବନରେ ଗୋଷ୍ଠୀସଂଘର୍ଷ, ରାମାୟଣ ଓ ମହାଭାରତ ଭଳି ପୁରାଣ ପ୍ରସିଦ୍ଧ ଯୁଦ୍ଧ, ବାହ୍ୟ ଆକ୍ରମଣକାରୀ ମୋଗଲଙ୍କ ଠାରୁ ଇଂରେଜ ଶାସନକୁ ବିତାଡ଼ିତ ପାଇଁ ସମୟେ ସମୟେ ସଂଘଟିତ ଲଢ଼େଇର ମୂକସାକ୍ଷୀ ଏଇ ଭାରତବାସୀ । ହିଂସା, ପ୍ରତିବାଦ, ଅରାଜକତା, ଭଙ୍ଗାରୁଜା ତଥା ପୋଡ଼ାଜଳା ଆମ ଦେଶରେ ଘଟିଚାଲିଛି ।ଭାରତ ଭଳି ଦେଶରେ ଆଭ୍ୟନ୍ତରୀଣ ସାମାଜିକ ସମସ୍ୟାର ସମାଧାନ ଏତେ ସହଜ ନୁହେଁ । ଜାତିଧର୍ମର ପ୍ରାଚୀନ ସାମାଜିକ ବ୍ୟବସ୍ଥା ଏକ ଗୁରୁତର ସମସ୍ୟା ଯାହା ସ୍ୱାଧୀନତା ପୂର୍ବରୁ ଅଦ୍ୟାବଧି ସାମାଜିକ ସଂପର୍କକୁ ଖଣ୍ଡବିଖଣ୍ଡ କରିବାରେ ଲାଗିଛି । ସମସ୍ତ ସାମାଜିକ ସମସ୍ୟାର ମୂଳକାରଣ ଜାତିବର୍ଣ୍ଣ ବ୍ୟବସ୍ଥା । ନିଜର ପରିଚୟ ଓ ମର୍ଯ୍ୟାଦାପାଇଁ ଏ ଲଢ଼େଇ । ସେଥିପାଇଁ କାହାକୁ ଦାୟୀ କରିବା ?

ଦଳିତଗୋଷ୍ଠୀର ଜନନାୟକ ବାବାସାହେବ ଆମ୍ବେଦକରଙ୍କୁ ସମ୍ବିଧାନ ପ୍ରସ୍ତୁତି କରିବାର ଯେଉଁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା ତାକୁ ସଂପାଦନ କରିବାରେ ସେ ସଫଳ ହେଲେ । ଭାରତର ଚତୁର୍ବର୍ଣ୍ଣ ବ୍ୟବସ୍ଥାଦ୍ୱାରା ସମାଜରେ ସାମାଜିକ ଓ ଆର୍ଥିକ ନିଷ୍ପେସିତ ତଥା ଅବହେଳିତ ଗୋଷ୍ଠୀଙ୍କୁ ଅର୍ଥାତ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବାର ସମସ୍ତ ପ୍ରୟାସରେ ଫଳପ୍ରଦ ହେଲେ ଆମ୍ବେଦକର । ନିର୍ଯାତିତ, ସାମାଜିକ ସୁଖସ୍ୱଚ୍ଛନ୍ଦରୁ ବଞ୍ଚିତ ଗୋଷ୍ଠୀଙ୍କୁ ନ୍ୟାୟଦେବା ଥିଲା ଭୀମରାଓଙ୍କ ମୁଖ୍ୟଲକ୍ଷ୍ୟ । କାରଣ, ତାଙ୍କସହ ଘଟିଥିବା ଛୁଆଁଅଛୁଆଁ ଭେଦଭାବର ଶିକାର ହୋଇଥିବାର ଅନୁଭୂତିକୁ ସେ ମଧ୍ୟ ପରିପ୍ରକାଶ କରିଛନ୍ତି । ଗଣତନ୍ତ୍ରରେ ସମସ୍ତ ଅଧିକାର ସହ ଦଳିତମାନଙ୍କର ଆର୍ଥିକ ଅଭିବୃଦ୍ଧି ଓ ସାମାଜିକ ସହଯୋଗରେ ଅଂଶୀଦାରପାଇଁ ସରକାରସ୍ତରରେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ସ୍ଥିତି ମଜବୁତ କରିବା ଲକ୍ଷ୍ୟରେ ଆରରକ୍ଷଣକୁ ଏକ ଶ୍ରେଷ୍ଠ ଅସ୍ତ୍ରରୂପେ ସମ୍ବିଧାନରେ ବ୍ୟବସ୍ଥା କରାଗଲା ଯାହା ଏପର୍ଯ୍ୟନ୍ତ ବଳବତ୍ତର । ସେଦିନ ଆମ୍ବେଦକରଙ୍କ ଲକ୍ଷ୍ୟଥିଲା ସମାଜର ସମସ୍ତ କ୍ଷେତ୍ରରେ ଶୁଦ୍ର ତଥା ଦଳିତ ବର୍ଗ ତାର ପରିଚୟ ସୃଷ୍ଟି କରୁ । ଅଛୁଆଁ, ଅସ୍ପୃଶ୍ୟତାର ଅମାଅନ୍ଧାରରୁ ଶୁଦ୍ରବର୍ଣ୍ଣର ସମସ୍ତେ ଆଲୋକାଭିମୁଖୀ ହୋଇ ନିର୍ଭୟରେ ଏବଂ ବିନା ଭେଦଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତୁ । ଜୀଇଁବାର ସର୍ବନିମ୍ନ ସ୍ୱାଧୀନତା ଓ ଅଧିକାରକୁ ସେମାନେ ଉପଭୋଗ କରନ୍ତୁ । ଗଣତନ୍ତ୍ର ବ୍ୟବସ୍ଥାରୁ ଶିକ୍ଷାଗ୍ରହଣ ଓ କର୍ମନିଯୁକ୍ତି ଆଦି କ୍ଷେତ୍ରରେ ଦଳିତ ଗୋଷ୍ଠୀକୁ ଆରକ୍ଷଣ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରି ଆଗାମୀ କିଛିବର୍ଷପାଇଁ ସମ୍ବିଧାନରେ ଲିଖିତ ଆକାରରେ ତାହା ପ୍ରଣୀତ ହେଲା ।

ଭାରତକୁ ଏକସୂତ୍ରରେ ବାନ୍ଧିରଖିବାପାଇଁ ସାମାଜିକ ଏକତା ଜରୁରୀ । ସାମାଜିକ ଏକତା ବଜାଇ ରଖିବା ପ୍ରତ୍ୟେକ ସମାଜର ମୂଳ ଲକ୍ଷ୍ୟ ହେବା ଉଚିତ୍ । ବର୍ଣ୍ଣବର୍ଣ୍ଣ ମଧ୍ୟରେ ସଦଭାବନା ରହିଲେ ସମାଜ ବିକଶିତ ହୁଏ । ଆରକ୍ଷଣ ଏକ ପ୍ରୟାସ ଥିଲା ବର୍ଣ୍ଣ ବିଭେଦତାକୁ ଦୂର କରିବା ପାଇଁ, କିନ୍ତୁ ତାହା ରାଜନୀତିର ଚକ୍ରବ୍ୟୁହରେ ପେଶୀହୋଇ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଗଳାମାଳି ସାଜିଛି । ଯେଉଁଠି ଶାସକ ଗୋଷ୍ଠୀ ଏସବୁର ପୃଷ୍ଠପୋଷକ ସାଜିଛନ୍ତି ସେଇଠି ସାଧାରଣ ଜନତାଙ୍କ କଥା କିଏ ଶୁଣୁଛି । ଭୋଟପାଇଁ କରାଯାଉଥିବା କଦର୍ଯ୍ୟ ରାଜନୀତି ଉହାଡରେ ଦକ୍ଷପ୍ରତିଭା ସମ୍ପର୍ନ୍ନ ବ୍ୟକ୍ତିର ପରିଚୟ ଧିରେଧିରେ ହଜିଯାଉଛି । ଏହା ସମ୍ପୂର୍ଣ୍ଣ ସତ୍ୟ, ଯାହାର କୌଣସି ବିକଳ୍ପ ନାହିଁ । ପ୍ରତିଭା ଅନ୍ୱେଷଣରେ ଯେଉଁ ପ୍ରଚାର ପ୍ରସାର ଚାଲିଛି ତାହା ଏକ ମିଥ୍ୟା ପ୍ରତାଡ଼ନା । ସାଧାରଣ ବର୍ଗର ପାର୍ଥୀ କଣ ଏ ଦେଶର ନୁହେଁକି ? ସେ କଣ ତାର ନାର୍ଯ୍ୟପ୍ରାପ୍ତିର ଆଶା କରେନାହିଁକି ? ବାସ୍ତବରେ ସମାନତା ଓ ମୌଳିକ ଅଧିକାର କାହାର ଆବଶ୍ୟକ ନାହିଁ କୁହତ ? ଯଦି ସରକାର ଗଢ଼ିବାବେଳେ ସମସ୍ତ ବର୍ଗର ଲୋକଙ୍କର ଆବଶ୍ୟକତା ରହିଛି । ତେବେ ଆଇନ୍ ପ୍ରଣୟନ କାହିଁକି କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀପାଇଁ ସୀମିତ ? ଏହା କଣ ଗଣତନ୍ତ୍ରର ନ୍ୟାୟ ବ୍ୟବସ୍ଥା କି ? ଅନେକ କ୍ଷେତ୍ରରେ ଆରକ୍ଷଣ ମାଧ୍ୟମରେ ଦକ୍ଷ ଓ ପ୍ରତିଭାସମ୍ପନ୍ନ ଯୁବକ, ବ୍ୟକ୍ତି ବିଶେଷ ବଳି ପଡିଯାଇଛନ୍ତି । ଯେଉଁ ଗଣତନ୍ତ୍ରକୁ ଲୋକମାନଙ୍କର, ଲୋକମାନଙ୍କ ପାଇଁ ଓ ଲୋକମାନଙ୍କ ଉଦ୍ଦେଶ୍ୟରେ ସ୍ଥାପନ କରାଯାଇଥିଲା ତାହା ପ୍ରକୃତପକ୍ଷେ ସବୁ ଲୋକଙ୍କର ନୁହେଁ । ଖାଲି ଗଣ୍ଡେ ଖାଇ, ଦଣ୍ଡେ ଜୀଇଁଗଲେ କଣ ହେବ ? ଛେଳି-ମେଣ୍ଢା-କୁକୁର-ଘୁଷୁରି ଏମାନେବୁ ସମସ୍ତେ ଖାଉଛନ୍ତି । ଦିମୁଠା ରାସନ ଚାଉଳ, ସୁଭଦ୍ରା ଯୋଜନାରେ କିଛି ଟଙ୍କା,ଉଜ୍ଜ୍ୱଳ ଯୋଜନାରେ ଗ୍ୟାସ ସିଲିଣ୍ଡର, ପ୍ରଧାନମନ୍ତ୍ରୀ ଘର ସହଯୋଗରେ ଜୀବନ ଜୀଇଁବାର ମାନଦଣ୍ଡରେ କିଛିଟା ପରିବର୍ତ୍ତନ ସମ୍ଭବ କିନ୍ତୁ ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ଦକ୍ଷତାର ବିକାଶ ସମ୍ଭବ ନୁହେଁ । ଗୋଟେପକ୍ଷେ ସ୍ୱପ୍ନ ଦେଖୁଥିବା ବ୍ୟକ୍ତିଟିର ସ୍ୱପ୍ନକୁ ପରିପୂରଣ କରିବାର ପ୍ରଚେଷ୍ଟା ଓ କଠିନ ପରିଶ୍ରମ କରି ବାରମ୍ବାର ସୁଯୋଗରୁ ବଞ୍ଚିତ କରାଇବା, ଅନ୍ୟପକ୍ଷେ ଅଯୋଗ୍ୟକୁ ସୁଯୋଗ ପରେ ସୁଯୋଗ ଦେଇ ତାକୁ ଅବସ୍ଥାପିତ କରିବା କେଉଁ ନ୍ୟାୟିକ ବ୍ୟବସ୍ଥା ? ଦକ୍ଷ ଲୋକଟି ସୁଯୋଗ ଖୋଜୁଛି ନିଜ ପ୍ରତିଭାର ବିକାଶ ସହ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ନିଜର ଯୋଗଦାନ କରି ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିବା, ସମାଜରେ କଲ୍ୟାଣ ଉଦ୍ଦେଶ୍ୟରେ ସେ ଇଚ୍ଛୁକ ହେଲେ କଣ ହେବ ଆରକ୍ଷଣ ଅମାଅନ୍ଧକାର ତାକୁ ବାଟବଣା,ନିସ୍ତେଜ ଓ ନିଷ୍କ୍ରିୟ କରିଦେଉଛି ।

ଦେଶର ପ୍ରଗତିରେ ସମସ୍ତଙ୍କର ସହଯୋଗିତା ଓ ସହଭାଗିତା ରହିବା ଆବଶ୍ୟକ । ତାହାହିଁ ସାମାଜିକ ସହଯୋଗ ଓ ସାମାଜିକ ନ୍ୟାୟ, ଯାହା ପ୍ରତିଭା ଅନ୍ୱେଷଣର ଏକ ଉପଯୁକ୍ତ ମାର୍ଗ । ଆରକ୍ଷଣ ମାଧ୍ୟମରେ ଅନେକ ପ୍ରତିଭାର ପରିଚୟ ମିଳିଛି ଏହା ଅସ୍ୱୀକାର କରିହେବନାହିଁ । କେବଳ ଆରକ୍ଷଣ ଆଧାରରେ ପ୍ରତିଭା ବିକାଶ ସମ୍ଭବ ନୁହେଁ । ଭାରତରେ ସାଧାରଣବର୍ଗର ଯୋଗ୍ୟ ଲୋକଟି ଆରକ୍ଷଣର ଘୃଣିତ ରାଜନୀତିରେ ଅଯୋଗ୍ୟ ବିବେଚିତ ହେବା ସ୍ୱାଭାବିକ । ସ୍ୱାଧୀନତା ପରବର୍ତ୍ତୀ ସମୟରୁ ଏଯାବତ୍ ଅନେକ କ୍ଷେତ୍ରରେ ଉପଯୁକ୍ତ ବ୍ୟକ୍ତିଟିଏ ସୁଯୋଗ ଅଭାବରୁ କେତେଯେ ନିର୍ଯାତିତ ନିଷ୍ପେସିତ ତାର ଯଥାଯଥ ନ୍ୟାୟ କିଏ ପ୍ରଦାନ କରିବେ ? ଯେକୌଣସି ଦେଶରେ ଜନ୍ମିତ ବ୍ୟକ୍ତିର ଲକ୍ଷ୍ୟ ସମାଜରେ ପ୍ରତିଷ୍ଠିତ ହେବାକୁ, ନିଜ ରୁଚି ଅନୁସାରେ ଦେଶର ସରକାରସ୍ତରରେ ବିଭିନ୍ନ ଉଚ୍ଚ ପଦପଦବୀରେ ଅବସ୍ଥାପିତ ହେବାସହ ନିଜ ଦକ୍ଷତାର ପରିଚୟ ସୃଷ୍ଟି କରିବା ଇଚ୍ଛା କାହାର ନାହିଁ କହିଲେ । ସରକାରଙ୍କ ବିଭିନ୍ନ ଅନୁଷ୍ଠାନ ଓ ବିଭାଗରେ ନିଜକୁ ସାମିଲ୍ କରିବା ଦେଶର ସାଧାରଣଜନତାଙ୍କ ସାମ୍ବିଧାନିକ ଅଧିକାର । କିନ୍ତୁ, ଏସବୁ ଆମ ଭାରତ ଭଳି ଦେଶରେ ଅସମ୍ଭବ । କାରଣ ଏଠି ପ୍ରତିଭା ଅପେକ୍ଷା ଜାତିବର୍ଣ୍ଣର ପ୍ରାଧାନ୍ୟ ଅଧିକ । ପ୍ରତ୍ୟେକ ରାଜନୈତିକ ଦଳ ନିଜନିଜ ରାଜୁତି ସମୟରେ ନିଜକୁ ଶାସନ ଗାଦିରେ ଅଧିଷ୍ଠିତ କରାଇବା ଲକ୍ଷ୍ୟରେ ଆରକ୍ଷଣକୁ ନିଜ ହିସାବରେ ବ୍ୟବସ୍ଥିତ ଢ଼ଙ୍ଗରେ ଉପସ୍ଥାପିତ କରି ସମାଜରେ ଯେଉଁ ଅସମାନତା ସୃଷ୍ଟି କରିଛନ୍ତି ତାହା ହିଁ ଆଜିର ପ୍ରସଙ୍ଗ । ଜାତିବର୍ଣ୍ଣର ଡଙ୍ଗାରେ ହିଁ କେବଳ ରାଜନୀତି ବୈତରଣୀ ପାରିହେବା ସମ୍ଭବ ଏକଥା ରାଜନୈତିକ ନେତୃବୃନ୍ଦ ହୃଦବୋଧ କରିସାରିଛନ୍ତି । ଗଣତନ୍ତ୍ରରେ ଅଂଶୀଦାର ସର୍ବଦଳୀୟ ନେତାମନ୍ତ୍ରୀଙ୍କ ନିର୍ଭୁଲ ହିସାବର ସଠିକ୍ ଉତ୍ତର ହେଉଛି ଜାତିଭିତ୍ତିକ 'ଆରକ୍ଷଣ' । ଗଣତନ୍ତ୍ର ଶାସନରେ ଅବସ୍ଥାପିତ ନେତାମନ୍ତ୍ରୀ ରାଜୁତି କରିବା ଲକ୍ଷ୍ୟରେ ଆରକ୍ଷଣକୁ ପ୍ରମୁଖ ଅସ୍ତ୍ରରୂପେ ଗ୍ରହଣ କରିଆସିଛନ୍ତି । କିନ୍ତୁ ଆମ ସମସ୍ତଙ୍କୁ ଅନୁଭବ କରିବା ଜରୁରୀ ଯେ ଆରକ୍ଷଣ କୌଣସି ମୌଳିକ ଅଧିକାର ନୁହେଁ । ଏହା କେବଳ ସାମାଜିକ ଅବହେଳିତ ଓ ନିଷ୍ପେସିତ ବର୍ଗଙ୍କପାଇଁ କିଛି ସମୟ ଉଦ୍ଦିଷ୍ଟ ଥିଲା । ତାକୁ ରାଜନୈତିକ ନେତୃବୃନ୍ଦ ସାମ୍ବିଧାନିକ ଅଧିକାର ମଧ୍ୟରେ ଅନ୍ତର୍ଭୁକ୍ତ କରି ଅହଙ୍କାରୀ ସାଜିବା ଠିକ୍ ନୁହେଁ । ଯେଉଁଠି ଆରକ୍ଷଣ ଦେଶର କେନ୍ଦ୍ରବିନ୍ଦୁ ସାଜିଛି, ସେଠି ଦକ୍ଷତା ଓ ସାମାଜିକ ନ୍ୟାୟ ଧୀରେଧୀରେ ବଧିର ପାଲଟି ଗଲାଣି । ବ୍ୟବସ୍ଥାରେ ପରିବର୍ତ୍ତନ ଘଟୁଥିବା ବେଳେ ତଥାପି ଅନେକ ସଂସ୍କାର ଆଣିବାକୁ ହେବ । ସମାବେଶୀ ଶାସନ ପାଇଁ କେନ୍ଦ୍ର ସହିତ ରାଜ୍ୟଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କରିବା ଉଚିତ ।

ଭଦ୍ରକ

ମୋ:୮୮୯୫୩୪୧୦୩୩

# ଦଣ୍ଡମୁକ୍ତ ଅଞ୍ଚଳ

**ସତ୍ୟନାରାୟଣ ଦେହୁରୀ**

ଶିକ୍ଷା ଅଧିକାର ଆଇନ ଲାଗୁ ହେବା ପରଠାରୁ ବିଦ୍ୟାଳୟ ଗୁଡିକୁ ଦଣ୍ଡ ମୁକ୍ତ ଅଂଚଳ ଘୋଷଣା କରାଗଲା । ବିଦ୍ୟାଳୟ କାନ୍ଥ ମାନଙ୍କରେ ବିଧିବଦ୍ଧ ଭାବରେ ଲେଖି ଦିଆଗଲା ,ଦଣ୍ଡ ମୁକ୍ତ ଅଂଚଳ । ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସତର୍କ କରାଇ ଦିଆଗଲା । ସେମାନେ ଆଉ ପିଲାଙ୍କୁ କୌଣସି ପ୍ରକାର ଦଣ୍ଡ ଦେଇ ପାରିବେ ନାହିଁ । ଶାରୀରିକ ,ମାନସିକ ,ଆବେଗିକ ଦଣ୍ଡ ଉପରେ କଟଣା ଲାଗିଲା । ପିଲାଙ୍କୁ ଶୃଙ୍ଖଳିତ କରିବା ପାଇଁ ସେମାନେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହାୟତା ନେଇଥାନ୍ତି । ଅଭିଭାବକ ମାନେ ଆସି କୁହନ୍ତିଯେ ,ଆଖି ଦୁଇଟା ଛାଡି ବାକି ସବୁ ସ୍ଥାନରେ ମାଡ ଦେଲେ ଆମର କିଛି ଆପତି ନାହିଁ । କିନ୍ତୁ ଆଇନକୁ ମାନି କାମ କରିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଏକ ନୈତିକ କର୍ତବ୍ୟ । ଦଣ୍ଡ କହିଲେ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ କେବଳ ଶାରୀରିକ ଦଣ୍ଡକୁ ବୁଝନ୍ତି । ସେଥିପାଇଁ ପିଲାଙ୍କୁ ମାଡ ଦେବା ବନ୍ଦ କରିଦେଲେ । କିନ୍ତୁ ମାନସିକ ଦଣ୍ଡ ଦେବା ବନ୍ଦ ହୋଇନାହିଁ । ପିଲାଙ୍କୁ ଗାଳି କରିବା ,ନାଲି ଆଖି ଦେଖାଇବା ଏବେ ମଧ୍ୟ ରହିଛି । ଶାରୀରିକ ଦଣ୍ଡ ଦେଲେ ତାର କିଛି ପ୍ରମାଣ ରହିଯାଏ । କିନ୍ତୁ ମାନସିକ ଦଣ୍ଡର ପ୍ରମାଣ ଦେଖାଯାଏ ନାହିଁ । ମୋର ଶିକ୍ଷକତା ଜୀବନ ମଧ୍ୟରେ ଥରେ ମୁଁ ଗୋଟିଏ ପିଲାକୁ ବାଡି ସାହାଯ୍ୟରେ ମାଡ ଦେଇଥିଲି । ସେହି ମାଡର ଚିହ୍ନ ତାଦେହରେ ରହିଯାଇଥିଲା । ତା ପରଦିନ ସେହି ପିଲାକୁ ଧରି ତାର ବାପା ବିଦ୍ୟାଳୟକୁ ଆସି ପ୍ରଧାନ ଶିକ୍ଷକଙ୍କ ନିକଟରେ ଅଭିଯୋଗ କଲେ । ପ୍ରଧାନ ଶିକ୍ଷକ ମୋତେ ଡକାଇଲେ । ମୁଁ ମାଡ ଦେଇଥିବା କଥା ସ୍ୱିକାର କଲି । ସେତେବେଳକୁ ବିଦ୍ୟାଳୟ ଗୁଡିକ ଦଣ୍ଡ ମୁକ୍ତ ଅଂଚଳ ଘୋଷଣା ହୋଇନଥାଏ । ମୋତେ ଯେତେବେଳେ ମାଡର କାରଣ ପଚାରିଲେ ,ମୁଁ କହିଲି ପିଲାମାନେ ପାଠ କରିନଥିବାରୁ ସବୁ ପିଲାଙ୍କୁ ମାଡ ଦିଆ ହୋଇଛି । ସେ ଅଭିଭାବକ ଜଣକ ଜଣେ ବି.ଡି.ଓ । ସେ ମୋସହିତ ବହୁତ ଯୁକ୍ତି ତର୍କ କଲେ ଏବଂ ଚାଲିଗଲେ । ସେ ସମୟରେ ଦଣ୍ଡ ଉପରେ କୌଣସି କଟକଣା ନଥିବାରୁ ମୋ ଉପରେ କିଛି କାର୍ଯ୍ୟାନୁଷ୍ଠାନ ହୋଇନଥିଲା । ଆଜିକା ଦିନରେ ହୋଇଥିଲେ ହୁଏତ ମୋତେ କିଛି ଦଣ୍ଡ ମିଳିଥାନ୍ତା । ଏହାର କିଛି ଦିନ ପରେ ପୁଣି ସେହି ବି.ଡି.ଓ ମୋତେ ତାଙ୍କ ଅଫିସକୁ ଡକାଇଲେ । ମୋତେ ଅନୁରୋଧ କରି କହିଲେ ,ତାଙ୍କ ପିଲାକୁ ଟିଉସନ ପଢାଇବା ପାଇଁ । ମୁଁ ସେ ସମୟରେ ବହୁତ ଟିଉସନ କରୁଥାଏ । ତେଣୁ ମୁଁ ତାଙ୍କ କଥାରେ ରାଜି ହେଲି ଏବଂ ସେହି ପିଲାକୁ ଟିଉସନ ପଢାଇଲି ।

ବର୍ତମାନ ସରକାରଙ୍କର ଲକ୍ଷ୍ୟ ହେଲା ସମସ୍ତେ ପଢନ୍ତୁ ସମସ୍ତେ ବଢନ୍ତୁ । ସାକ୍ଷରତା ହାର ବଢୁ । ଶିକ୍ଷା ସମସ୍ତଙ୍କର ଏକ ମୌଳିକ ଅଧିକାର ହେଲା । ବିଦ୍ୟାଳୟରୁ ଡ୍ରପ ଆଉଟ କମାଇବାର ଲକ୍ଷ୍ୟରେ ମଧ୍ୟାହ୍ନ ଭୋଜନ ,ମାଗଣା ବହି ,ପୋଷାକ, ସାଇକଲ,ସ୍କୁଲ ବ୍ୟାଗ ଇତ୍ୟାଦି ଯୋଗାଇ ଦିଆଗଲା । ସାର ମାନେ ଘର ଘର ଯାଇ ପିଲାଙ୍କୁ ଡାକି ଆଣୁଛନ୍ତି । କାରଣ ପିଲାସଂଖ୍ୟା କମିଗଲେ ସାର ମାନଙ୍କ ଉପରେ କାରଣ ଦର୍ଶାଅ ନୋଟିସ । ବିଦ୍ୟାଳୟ ଉଠିଯିବାର ମଧ୍ୟ ସମ୍ଭାବନା ଅଛି । ଯେଉଁ ପ୍ରାଥମିକ ବିଦ୍ୟାଳୟର ମୋଟ ପିଲାସଂଖ୍ୟା ୨୦ରୁ କମ ସେଗୁଡିକ ଉଠିଯାଉଛି । ସେହି ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟରେ ମିଶାଇ ଦିଆଯାଉଛି । ଅଧିକରୁ ଅଧିକ ପିଲା ବିଦ୍ୟାଳୟକୁ ଆସିବା ପାଇଁ ପ୍ରବେଶ ଉତ୍ସବ ମାଧ୍ୟମରେ ପିଲାଙ୍କୁ ସ୍ୱାଗତ କରାଯାଉଛି । ବିଦ୍ୟାଳୟ ପରିବେଶକୁ ସୁସଜ୍ଜିତ ଓ ଆକର୍ଷଣୀୟ କରାଯାଉଛି । ନିଜ ଘର ପରିବେଶଠାରୁ ବିଦ୍ୟାଳୟ ପରିବେଶ ଅଧିକ ସୁନ୍ଦର କରିବାର ପ୍ରୟାସ କରାଯାଉଛି କେବଳ ପିଲାଙ୍କୁ ଆକୃଷ୍ଟ କରିବା ପାଇଁ । ପିଲାଟିଏ ଘରୁ ବିଦ୍ୟାଳୟକୁ ଆସିଲେ ଆଉ ଘରକୁ ପଳାଇବାର ମାନସିକତା ରଖିବ ନାହିଁ । ଏପରିସ୍ଥିତିରେ ପିଲାଙ୍କୁ ନାଲି ଆଖି ଦେଖାଇବା ଠିକ ହେବ ନାହିଁ ।

ପୁରୁଣା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ବାଡି ଧରି ପାଠ ପଢାଇବାର ଅଭ୍ୟାସ ଏବେ ମଧ୍ୟ ଅଛି । ୨୦୦୯ ମସିହା ପରେ ବିଦ୍ୟାଳୟ ଗୁଡିକ ଦଣ୍ଡମୁକ୍ତ ଅଂଚଳ ହେଲା । କିନ୍ତୁ ପୁରୁଣା ଅଭ୍ୟାସ ବଦଳାଇବା ପାଇଁ କିଛି ଦିନ ଲାଗିଗଲା । ପିଲାଟିଏ ଯେତେବେଳେ ଅମାନିଆ ହୁଏ ସେତେବେଳେ ତାକୁ ଦଣ୍ଡ ଦେବାର ଆବଶ୍ୟକତା ପଡିଥାଏ । ଏବେତ ଶାରୀରିକ ଦଣ୍ଡ ଦେବାର କଟକଣା ହୋଇଗଲା ,ସେଥିପାଇଁ ଗାଳିକରି କିମ୍ବା ନାଲି ଆଖି ଦେଖାଇ ତାକୁ ଆକଟ କରାଯାଉଛି । ମୋର ଶିକ୍ଷକତା ସମୟରେ ମୁଁ ପିଲାଙ୍କୁ ଅନେକ ଶାରୀରିକ ଦଣ୍ଡ ଦେଇଛି । ଏବଂ ସେହି ଦଣ୍ଡର ଫଳାଫଳ ମଧ୍ୟ ମିଳିଛି । କଥାରେ ଅଛି ମାଡକୁ ମହାଦେବ ଡରନ୍ତି । ଠିକ ସେହିପରି ପିଲାମାନେ ମାଡକୁ ଭୟ କରି ଦିଆଯାଇଥିବା ପାଠକୁ କରନ୍ତି । ମାଡ ପାଇଲେ ପିଲାମାନେ ପଢନ୍ତି ଏବଂ ପ୍ରଶ୍ନ ଗୁଡିକର ଉତର ଦିଅନ୍ତି । ପିଲାଙ୍କୁ ଗୃହକାର୍ଯ୍ୟ ଦେଲେ ,ମାଡ ଭୟରେ ସେମାନେ କରିଥାନ୍ତି । ଆଉ ଯେଉଁ ଦିନଠାରୁ ମାଡ ଉଠି ଗଲା ପିଲାମାନେ ଆଉ ଗୃହକାର୍ଯ୍ୟ କରୁନାହାଁନ୍ତି । ରଚନା କିମ୍ବା ପତ୍ରଲିଖନ ଘରୁ ଲେଖି ଆଣୀବାକୁ କହିଲେ ଲେଖୁନାହାଁନ୍ତି । କୌଣସି ବିଷୟ ପଢି ଆସିବାକୁ କହିଲେ ,ଖାଲି ହଁ ମାରି ଦିଅନ୍ତି କିନ୍ତୁ ପଢନ୍ତି ନାହିଁ । ମାଡ ବଦଳରେ ଖାଲି ନାଲି ଆଖି ଦେଖାଇଲେ କି ଗାଳି ଦେଲେ ମଧ୍ୟ କିଛି ପିଲା ଭୟକରି ସାରଙ୍କ କଥା ମାନନ୍ତି । କ୍ଲାସରେ ବିଶୃଙ୍ଖଳା କଲେ କିଛି ଶିକ୍ଷକ ଏବେ ମଧ୍ୟ ବାଡି ସାହାଯ୍ୟରେ ପିଲାଙ୍କୁ ମାଡ ଦେଉଛନ୍ତି । ପିଲାଙ୍କୁ ଶାରୀରିକ ଦଣ୍ଡ ଦେଇ ଅନେକ ଶିକ୍ଷକ ନିଜର ଚାକିରୀ ହରାଉଛନ୍ତି । ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀ ପିଲାଙ୍କୁ ଦଣ୍ଡ ଦିଅନ୍ତି ତାଙ୍କୁ ପିଲାମାନେ ବହୁତ ଭୟ କରନ୍ତି । ସେ ଯେଉଁ ପିରିୟଡରେ କ୍ଲାସକୁ ଆସିବାକୁ ଥାଏ ପିଲାମାନେ ସତର୍କ ହୋଇଯାନ୍ତି । ଆଗରୁ ତ ପିଲାମାନେ କ୍ଲାସଛାଡି ଦୁଇ ଯିବା ବାହନାରେ ବାହାରକୁ ପଳାଇଯାଉଥିଲେ । ସେ ପିରିଅଡ ଗଲା ପରେ କ୍ଲାସକୁ ଆସୁଥିଲେ । ଅତ୍ୟଧିକ ଶାରୀରିକ ଦଣ୍ଡ ପାଇଲେ ଜୀବନସାରା ମନେରହିଯାଏ । ମୁଁ ୧୯୭୦ ମସିହାରେ ତୃତୀୟ ପଢୁଥିବା ବେଳେ ମୋର ସାରଙ୍କ ଠାରୁ ଏକ ଶକ୍ତ ଚାପୁଡା ଖାଇଥିଲି ,ତାହା ଏବେ ମଧ୍ୟ ମୋର ମନେଅଛି । ଏବଂ ସେହି ଚାପୁଡା ମୋଜୀବନର ଗତିପଥ ବଦଳାଇ ଦେଇଥିଲା । ସରକାରୀ କର୍ମଚାରୀ ହିସାବରେ ସରକାରଙ୍କ ନିୟମ ମାନିବା ଆବଶ୍ୟକ ପଡିଥାଏ । ଦଣ୍ଡ ମୁକ୍ତ ଅଂଚଳରେ ନାଲିଆଖି ଦେଖାଇବା ମଧ୍ୟ ନିଷିଦ୍ଧ । କିନ୍ତୁ ମୋ ମତରେ ଶାରୀରିକ କିମ୍ବା ମାନସିକ ଦଣ୍ଡ ଅନେକ ପିଲାଙ୍କୁ ଭଲ ମଣିଷ କରିବାରେ ସାହାଯ୍ୟ କରେ । ପିତା ମାତା ମାନେ ମଧ୍ୟ ପିଲାଙ୍କ ସବୁ ଆବଶ୍ୟକତା ପୁରଣ କରିବା ସହିତ ମଝିରେ ମଝିରେ ଆବଶ୍ୟକ ପଡିଲେ ଶାରୀରିକ ଦଣ୍ଡ ଦେବାରେ କୌଣସି ଅସୁବିଧା ନାହିଁ ।

ରାଧାନଗର,ବୌଦ୍ଧ

ମୋ:୯୯୩୮୭୫୮୩୫୩

# ଜୈବିକ ଘଡ଼ି

**ପ୍ରଫେସର ଉମେଶ ପାତ୍ର**

ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ଯାଏଁ ସନ୍ଧ୍ୟାରୁ ରାତି ପାହିବା ଯାଏଁ ଶରୀର ବିଭିନ୍ନ ଅବସ୍ଥା ଦେଇ ଗତି କରେ । କେତେବେଳେ କର୍ମ ଚଞ୍ଚଳ ରହେ, କେତେବେଳେ ନିଦ୍ରା ଯାଏ, ଏମିତି ନିତିଦିନିଆ କାର୍ଯ୍ୟ ଜାରି ରଖେ । ପ୍ରକୃତିରୁ ପରିବର୍ତ୍ତନକୁ ଦେଖି ଶରୀରର ପରିବର୍ତ୍ତନ ଘଟେ । ପ୍ରତ୍ୟେକ ଜୀବଙ୍କର ଦୈନିକ କ୍ରିୟା ଏହି ଜୈବିକ ଘଡ଼ି ମୁତାବକ ଚାଲେ । ଶରୀର ଏହି ଘଡ଼ି ମୁତାବକ ନ ଚାଲିଲେ ଶରୀର ଏବଂ ମନରେ ବିପରୀତ ପ୍ରଭାବ ପଡ଼ିଥାଏ । ପୃଥିବୀରେ ଯେତେ ଜୀବଜନ୍ତୁ ରହୁଛନ୍ତି ପ୍ରତ୍ୟେକଙ୍କ ଜୈବିକ ଘନି ପ୍ରାୟତଃ ଏକ ପ୍ରକାରର । ଲକ୍ଷ ଲକ୍ଷ ବର୍ଷ ଧରି ଏମିତି ରହି ଆସିଛି । ଗବେଷଣା ମୁତାବକ ଏହି ଜୈବିକ ଘଡ଼ି ଆମର ମସ୍ତିଷ୍କରେ ରହିଛି । ମସ୍ତିଷ୍କ ହିଁ ଆମକୁ ଜାଗ୍ରତ କରେ ପୁଣି ନିଦ୍ରାଭିଭୂତ କରେ । ଆମର ଦିନ ଚର୍ଯ୍ୟାର ସମସ୍ତ କାର୍ଯ୍ୟର ସଂଚାଳନ ମସ୍ତିଷ୍କରେ ଥିବା ଏହି ଘଡ଼ିଟି କରିଥାଏ । ଏହି ଘଡ଼ିର କାର୍ଯ୍ୟରେ କୌଣସି ପ୍ରତିବନ୍ଧକ ସୃଷ୍ଟି ହେଲେ ମୁଣ୍ଡବିନ୍ଧା, ଥଣ୍ଡା କିମ୍ବା କ୍ୟାନସର ପରି ଭୟଙ୍କର ରୋଗକୁ ଡାକି ଆଣିଥାଏ । ଅବସାଦ ଏବଂ ଅନିଦ୍ରା ପରି ମାନସିକ ରୋଗ ପୁଣି ମୂତ୍ର ସମ୍ବନ୍ଧିତ ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ, ମେଦମହୁଳତା ଏବଂ ହୃଦରୋଗର କାରଣ ମଧ୍ୟ ଏହା ପାଲଟିଥାଏ । ଆହୁରି ମଧ୍ୟ ଏହି ଜୈବିକ ଘଡ଼ିରେ ସମସ୍ୟା ଦେଖାଦେଲେ ଶରୀରର ରୋଗ ପ୍ରତିରୋଧକ କ୍ଷମତା ହ୍ରାସ ପାଇଥାଏ । ଏବେ ଜାଣନ୍ତୁ ଜୈବିକ ଘଡ଼ି ମୁତାବକ କେଉଁ କେଉଁ ଅଙ୍ଗ କେଉଁ ସମୟରେ ସକ୍ରିୟ ରହିଥାଏ ।

ପ୍ରାୟତଃ ତିନିଟାରୁ ପାଞ୍ଚଟା ଏହି ସମୟରେ ଆମର ଫୁସଫୁସ ବେଶ ସକ୍ରିୟ ରହେ । ତେଣୁ ଏହି ସମୟରେ ନଖ ଉଷୁମ ପାଣି ପିଇ ଟିକେ ଖୋଲାରେ ବୁଲାବୁଲି କଲେ ବିଶୁଦ୍ଧ ବାୟୁ ପାଇ ଏହାର କାର୍ଯ୍ୟ କ୍ଷମତା ବୃଦ୍ଧି ପାଇଥାଏ । ପାଞ୍ଚଟାରୁ ସାତଟା ଏହି ସମୟରେ ବୃହଦନ୍ତ୍ର ସକ୍ରିୟ ରହିଥିବାରୁ ଶୌଚ କାର୍ଯ୍ୟ ଶେଷ କରିବା ଦରକାର । ଏହି ସମୟ ଗଡ଼ିଗଲେ କୋଷ୍ଠ କାଠିନ୍ୟ ହୁଏ । ଏହା ଅନେକ ରୋଗକୁ ଡାକି ଆଣିଥାଏ । ସାତଟାରୁ ଏଗାରଟା ସକାଳ ସାତଟାରୁ ନଅଟା ଆମାଶୟ କ୍ରିୟାଶୀଳ ଥାଏ ଏବଂ ନଅଟାରୁ ଏଗାରଟା ଅଗ୍ନାଶୟ ଏବଂ ପ୍ଲୀହା ସକ୍ରିୟ ଥାଏ । ଏହି ସମୟରେ ଯଥେଷ୍ଟ ପାଚକ ରସ ଝରୁଥିବାରୁ ନଅଟାରୁ ଏଗାରଟା ହିଁ ଭୋଜନର ଉପଯୁକ୍ତ ସମୟ । ଦ୍ୱିପ୍ରହର ଏଗାରଟାରୁ ଗୋଟେ ଏହି ସମୟରେ ଶକ୍ତିର ପ୍ରବାହ ହୃଦୟ ଆଡ଼କୁ ହୋଇଥାଏ । ତେଣୁ ଏ ସମୟରେ ହୃଦୟ କ୍ରିୟାଶୀଳ ରହେ । ଗୋଟେରୁ ତିନିଟା ଏହି ସମୟରେ ଯୁଦ୍ରାନ୍ତ୍ର ସକ୍ରିୟ ରହେ । ଏହି ସମୟରେ ଭୋଜନରୁ ପୋଷକତତ୍ତ୍ୱର ଅବଶୋଷଣ ସହ ଅନାବଶ୍ୟକ ପଦାର୍ଥକୁ ବୃହତନ୍ତ୍ରକୁ ଠେଲି ପଠାଇ ଦେଇଥାଏ । ଏହି ସମୟରେ ପାଣି ପିଇବା ଲାଭଦାୟକ ହୋଇଥାଏ । ଏହି ସମୟରେ ଭୋଜନ, ଶୋଇବା, ଚା ପିଇବା ଶରୀର ପାଇଁ ଲାଭଦାୟକ ନୁହେଁ ।

ସନ୍ଧ୍ୟା ପାଞ୍ଚଟାରୁ ସାତଟା ସକାଳେ ଗ୍ରହଣ କରିଥିବା ଖାଦ୍ୟ ଏତେବେଳକୁ ସମ୍ପୂର୍ଣ୍ଣ ହଜମ ହୋଇ ସାରିଥାଏ । ଏହି ସମୟରେ ହାଲକା ଭୋଜନ କରିନେବା ଦରକାର । ସୂର୍ଯ୍ୟାସ୍ତର ୪୦ ମିନିଟ ପୂର୍ବରୁ ଏବଂ ୧୦ ମିନିଟ ପରେ ଅର୍ଥାତ୍ ସନ୍ଧ୍ୟା ସମୟରେ ଖାଦ୍ୟ ଗ୍ରହଣ କରିବା ଉଚିତ ନୁହେଁ । ରାତି ସାତଟାରୁ ନଅଟା ଏହି ସମୟରେ ଅଗ୍ନାଶୟ ସକ୍ରିୟ ରହିଥାଏ । ମସ୍ତିଷ୍କ ମଧ୍ୟ ବିଶେଷ ଭାବେ କ୍ରୀୟାଶୀଳ ରହେ । ତେଣୁ ଏହି ସମୟରେ ପ୍ରାତଃ ସମୟ ପରି ପଢ଼ାପଢ଼ି ବେଶ ଲାଭଦାୟକ ହୋଇଥାଏ । ନଅରୁ ଏଗାର ଏହି ସମୟରେ ଗ୍ରହଣ କରିଥିବା ଖାଦ୍ୟ ସକାଳ ପର୍ଯ୍ୟନ୍ତ ମଧ ଭଲ ଭାବେ ହଜମ ହୋଇନଥାଏ । ଏହା ଅମ୍ଳ ସୃଷ୍ଟି ସହ ଅନ୍ୟ ରୋଗର ମଧ କାରଣ ହୋଇଥାଏ । ତେଣୁ ଏହି ସମୟରେ ଖାଦ୍ୟ ଗ୍ରହଣ କରନ୍ତୁ ନାହିଁ । ଏଗାରଟାରୁ ଗୋଟେ ଏହି ସମୟରେ ଯକୃତ ଏବଂ ପିତ୍ତଶୟ ସକ୍ରିୟ ରହିଥାଏ । ଏ ସମୟରେ ଅନିଦ୍ରା ରହିଲେ ପିତ୍ତ ବଢ଼େ । ରାତି ୧୨ଟା ପରେ ଦିନରେ କରାଯାଇଥିବା ଭୋଜନ ଦ୍ୱାରା କ୍ଷତିଗ୍ରସ୍ତ କୋଷଗୁଡ଼ିକ ବଦଳରେ ନୂତନ କୋଷ ନିର୍ମିତ ହୋଇଥାଏ । ଏହି ସମୟରେ ଅନିଦ୍ରା ରହୁଥିବା ବ୍ୟକ୍ତିକୁ ଖୁବଶୀଘ୍ର ବାର୍ଦ୍ଧକ୍ୟ ଗ୍ରାସ କରିଥାଏ । ଗୋଟାଏରୁ ତିନିଟା ଏହି ସମୟରେ ଲିଭର ସକ୍ରିୟ ରହୁଥିବାରୁ ଗ୍ରହଣ କରିଥିବା ଖାଦ୍ୟର ସୂକ୍ଷ୍ମ ପାଚନ ଘଟିଥାଏ । ଏ ସମୟରେ ଗାଢ଼ ନିଦର ଆବଶ୍ୟକତା ରହିଛି । ଏପରିକି ଆମର ଔଷଧ ସେବନ ଜୈବିକ ଘନି ଦ୍ୱାରା ପ୍ରଭାବିତ ହୋଇଥାଏ ।

କଟକ,

ମୋ :୯୪୩୭୦୫୧୯୫୭

# ଅନ୍ୟର ଦୋଷ

ଭଗବାନ ମଣିଷ ଭଳି ଦୁର୍ଲଭ ପ୍ରାଣୀ ସୃଷ୍ଟି କରିବା ବେଳେ ତାକୁ ଜ୍ଞାନ, ବୁଦ୍ଧି, ବିବେକ, ଗୁଣ ଓଦୋଷ ଦେଇ ଏ ସଂସାରକୁ ଛାଡିଥାନ୍ତି । ମାତ୍ର ଏ ମଣିଷ ନିଜ ବୁଦ୍ଧି, ବିବେକ ଓ ଜ୍ଞାନକୁ ଗୌଣ କରି କେବଳ ଅନ୍ୟର ନିନ୍ଦା, ଦୋଷ ତୃଟିକୁ ଦେଖିବା କୁ ଶ୍ରେୟ ମନେ କରୁଛି ଯାହା ସମାଜ ପ୍ରତି ଶୁଭଙ୍କର ନୁହେଁ । ଏହାକୁ ନେଇ ପିଲାବେଳେ ବାପାଙ୍କଠୁ ଶୁଣିଥିବା କାହାଣୀଟିଏ ମନେପଡେ । ଦିନେ ଭଗବାନ ବୁଦ୍ଧଙ୍କୁ ତାଙ୍କର ଜଣେ ଶିଷ୍ୟ ସାଷ୍ଟାଙ୍ଗ ପ୍ରଣିପାତ କରି ହାତ ଯୋଡି ଠିଆ ହେଲା । ଶିଷ୍ୟର ଏପରି ଅବସ୍ଥା ଦେଖି ଭଗବାନ ବୁଦ୍ଧ ପଚାରିଥିଲେ ତୁମେ ମୋଠାରୁ କଣ ଚାହୁଁଛ ବତ୍ସ ? ଶିଷ୍ୟଟି ବିନମ୍ରତାର ସହ କହିଥିଲା ଭଗବାନ ଆପଣ ଯଦି ଆଜ୍ଞା ଦିଅନ୍ତି ତେବେ ମୁଁ ଦେଶ ଭ୍ରମଣ କରିବାକୁ ଚାହୁଁଛି । ଶିଷ୍ୟଟିର ଜିଜ୍ଞାଷା ଜାଣିପାରି ଭଗବାନ ବୁଦ୍ଧ କହିଥିଲେ ହେ ବତ୍ସ ଏ ସଂସାରରେ ଭଲ, ମନ୍ଦ ଅନେକ ପ୍ରକାରର ଲୋକ ରହିଛନ୍ତି । ମନ୍ଦ ଲୋକ ତୁମର ନିନ୍ଦା କରିବା ସହ ତୁମକୁ ଗାଳି ମଧ୍ୟ ଦେବେ । ସେ ସମୟରେ ତୁମର ମନୋଦଶା କିପରି ହେବ ? ଶିଷ୍ୟଟି ଉତରରେ କହିଲା ମୁଁ ଭାବି ନେବି ସେମାନେ ଅତ୍ୟନ୍ତ ଭଲ ଲୋକ କାରଣ ମୋ ଭିତରେ ଥିବା କିଛି ଦୂର୍ଗୁଣକୁ ସେମାନେ ଗାଳି ଦେଇ ମୋତେ ଚେତେଇ ଦେଇଛନ୍ତି ମାତ୍ର ସେମାନେ ମୋତେ ପ୍ରହାର କରି ନାହାଁନ୍ତି । ବୁଦ୍ଧ କହିଥିଲେ ଅନେକ ଲୋକ ମଧ୍ୟ ଅଛନ୍ତି ଯେଉଁମାନେ ତୁମ ଉପରକୁ ଧୂଳି ପକାଇବା ସହିତ ପଥର ମଧ୍ୟ ମାରିବାକ ପଛାଇ ନଥାନ୍ତି । ମାତ୍ର ଶିଷ୍ୟ ଟି କହିଥିଲା ତଥାପି ମୁଁ ତାକୁ ଭଲବୋଲି ମନେ କରିବି କାରଣ ସେମାନେ ମୋତେ ଠେଙ୍ଗାରେ ପ୍ରହାର କରି ନାହାଁନ୍ତି । ବୁଦ୍ଧ କହିଥିଲେ ଠେଙ୍ଗାରେ ମାରିବା ଲୋକଭି ପାଂଚ, ଦଶ ଜଣ ନଶ୍ଚେ ବାହାରିବେ । ଶିଷ୍ୟ ଜଣକ କହିଥିଲେ ତଥାପି ମୁଁ ସେମାନଙ୍କୁ ଖରାପ କହିବିନି କାରଣ ମୁଁ ଭବିବି ସେମାନେ ମୋତେ ଅସ୍ତ୍ରରେ ଆକ୍ରମଣ କରିନାହାଁନ୍ତି ତେଣୁ ମୁଁ ତାଙ୍କୁ ଦୋଷ ଦେବିନି । ବୁଦ୍ଧ ପୁନଶ୍ଚ କହିଥିଲେ ଦେଶ ଭ୍ରମଣ ସମୟରେ ଅନେକ ଜଙ୍ଗଲ ପଡିପାରେ ସେଥିରେ ଡାକୁ ମାନଙ୍କର ନିବାସ ସେମାନେ ତୁମକୁ ଲୁଣ୍ଠନ କରିବା ସହ ଅସ୍ତ୍ରାଘାତ ଭି କରିବାକୁ ପଛଘୁଂଚା ଦେବେନି । ହେ ଗୁରୁଦେବ ସେ ଡାକୁମାନେ ମୋତେ ଅତ୍ୟନ୍ତ ଦୟାଳୁ ଲାଗିବେ କାରଣ ସେମାନେତ ମୋତେ ଜୀବନରେ ମାରି ନାହାଁନ୍ତି ! ଭଗବାନ ବୁଦ୍ଧ କହିଥିଲେ ତୁମେ କିପରି ଜାଣିଲ ଯେ ଡାକୁମାନେ ତୁମକୁ ଜୀବନରେ ନମାରି ଛାଡିଦେବେ ? ଶେଷରେ ଶିଷ୍ୟଟି କହିଲା ହେ ଭଗବାନ ଏ ସଂସାର ଦୁଃଖ ସ୍ୱରୁପ ଅଟେ । ଏଥିରେ ଅନେକ ଦିନ ଧରି ଜୀବିତ ରହିବା ଦୁଃଖ ହିଁ ଦୁଃଖ ମାତ୍ର ଏ ଦୁଃଖରୁ ମୁକ୍ତି ପାଇବା ପାଇଁ ଆତ୍ମହତ୍ୟା କରିବା ମହା ପାପ । କିନ୍ତୁ ଅନ୍ୟକେହି ଯଦି ଏଭଳି ମହାନ କାମ କରି ମୃତ୍ୟୁ ପ୍ରଦାନ କରେ ସେଇଟାତ ମୋ ପ୍ରତି ତାର ଅସୀମ ଦୟା ହେବ ।

ଉମାଶଙ୍କର ପ୍ରସାଦ,ଖୋର୍ଦ୍ଧା

## ସଂପାଦକଙ୍କୁ ପତ୍ର

### ଜଳସଂକଟ ପାଇଁ ବ୍ୟବସ୍ଥା ଲୋଡ଼ା

ମହାଶୟ,

ଜଳର ଅନ୍ୟନାମ ଜୀବନ । ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ । ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି । ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାର ଉପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି । ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି । ସରକାରୀ ହିସାବ ଅନୁଯାୟୀ ଗ୍ରାମାଞ୍ଚଳରେ ଥିବା ୫୫ ହଜାର ୧୮୬ ଜନବସତିରେ ପାନୀୟ ଜଳ ବ୍ୟବସ୍ଥା ନାହିଁ । ସହରାଞ୍ଚଳରେ ୧୪୫ ୱାର୍ଡ଼ରେ ବି କୌଣସି ପ୍ରକାର ପାନୀୟ ଜଳ ବ୍ୟବସ୍ଥା ନାହିଁ । ଏସବୁ ଅଞ୍ଚଳରେ ଲୋକେ ବାଧ ହୋଇ ଚୁଆ, ପୋଖରୀ, ଝରଣା ପାଣି ପିଉଛନ୍ତି । ରାଜ୍ୟରେ ପାନୀୟ ଜଳଯୋଗାଣ ଏଭଳି ଦୟନୀୟ ସ୍ଥିତିରେ ପଡ଼ିଛି । ରାଜ୍ୟ ଚତୁର୍ଥ ଅର୍ଥ କମିସନ ତାଙ୍କ ରିପୋର୍ଟରେ ଆଙ୍କିଥିବା ଚିତ୍ରରେ ଏକଥା ଦର୍ଶାଇଛନ୍ତି । ସ୍ଥିତି ସୁଧାରିବା ପାଇଁ ପାନୀୟ ଜଳ ବାବଦରେ ୧୦ ହଜାର ୮୯ କୋଟି ଟଙ୍କା ଯୋଗାଇ ଦେବାକୁ କମିସନ୍ ସୁପାରିଶ କରିଛନ୍ତି । ରିପୋର୍ଟ ଅନୁସାରେ, ରାଜ୍ୟର ୨୦% ଅଞ୍ଚଳରେ ଜଳ କ୍ଲୋରାଇଡ୍ ପ୍ରଦୂଷିତ । ୭୦% ଅଞ୍ଚଳରେ ମାତ୍ରାଧିକ ଲୌହ ପ୍ରଦୂଷଣ ରହିଛି ଏବଂ ୨% ଅଞ୍ଚଳରେ ଜଳ ଫ୍ଲୋରାଇଡ୍ ପ୍ରଦୂଷିତ ହୋଇ ରହିଛି । ଉପକୂଳ ଓଡ଼ିଶାର ଅନେକ ଅଞ୍ଚଳର ପାଣି ଲୁଣିଆ ଓ କ୍ଷାରଯୁକ୍ତ । ଏସବୁ ଅଞ୍ଚଳର ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି । ପ ତେଣୁ ରାଜ୍ୟର ପ୍ରଗତିର ମାନଦଣ୍ଡ ଭାବରେ କଂକ୍ରିଟ୍ ସିମେଣ୍ଟ ରାସ୍ତା, ଉଚ୍ଚ ଅଟ୍ଟାଳିକା, କଳକାରଖାନା ପାଇଁ ରାଜ୍ୟ ସରକାର ଗର୍ବିତ ହେବା ପରିବର୍ତ୍ତେ ରାଜ୍ୟର ଜଳ ସମସ୍ୟାର ବାସ୍ତବ ସମାଧାନ ଦିଗରେ ଅଗ୍ରାଧିକାର ଦେବା ଏକାନ୍ତ ଆବଶ୍ୟକ ।

ସର୍ବେଶ୍ୱର ନାୟକ, ପୁରୀ



ଲୋକ ସମସ୍ୟା
ପ୍ରଜାତନ୍ତ୍ର
ପୃଷ୍ଠା: ୭
୧୪.୧୦.୨୦୨୬



## ଟ୍ରାନ୍ସଫର୍ମର ପୋଡ଼ିବା ୪ ମାସ ବିତିଲା

# ଅନ୍ଧାରରେ ଦହଗଞ୍ଜ ଗୁହିଆଶାଳ ଜୁଆଙ୍ଗ

କାଳିଆପାଣି: ପ୍ରଶାସନର ସ୍ୱତନ୍ତ୍ର ନଜରରେ ଥିବା ସତ୍ତ୍ୱେ ୪ ମାସରୁ ଅଧିକ ଦିନ ଧରି ଧରି ଅନ୍ଧାରରେ ରହିଛନ୍ତି ନଗଡ଼ା ପଡ଼ୋଶୀ ଗୁହିଆଶାଳ ଗ୍ରାମବାସୀ। ଗତ ଜୁନମାସ ପ୍ରଥମ ସପ୍ତାହ ବର୍ଷାରେ ଖୋଲା ବିଦ୍ୟୁତ ତାରରେ ଗଛଡାଳ ପଡ଼ି ଗାଁ ମୁଣ୍ଡରେ ଥିବା ଟ୍ରାନ୍ସଫର୍ମର ପୋଡ଼ି ଗଲା। ସେବେଠାରୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇରହିଥିବାରୁ ଗ୍ରାମବାସୀ ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଥିବା ସାଧାରଣରେ ଅଭିଯୋଗ ହୁଏ। ଚତୁର୍ଦ୍ଦିଗରେ ଗାଁକୁ ଲାଗିକରି ବଣପାହାଡ଼ ଘେରି ରହିଥିବାରୁ ସଞ୍ଜ ନଇଁବା ମାତ୍ରେ ଅନ୍ଧାର ଘୋଟି ଆସୁଛି। ଅସ୍ୱାସ୍ଥ୍ୟକର ପରିବେଶରେ ଥିବା ବସ୍ତିରେ ବିଷଧର ସାପ ଓ ସରୀସୃପ ବିଚରଣ ସାଧାରଣରେ ଆତଙ୍କର କାରଣ ହୋଇଛି। ସେହିପରି ପ୍ରବଳ ଗରମ ଓ ଗୁଳୁଗୁଳିରେ ସାଧାରଣ ଜନ ଜୀବନ ଅସ୍ୱସ୍ତିକର ବୋଧ ହେଉଛି। ମୋବାଇଲ୍ ଫୋନ ଓ ଲାଇଟ୍ ?ଚାର୍ଜ କରିବା ପାଇଁ ଲୋକେ ନାଳିଆଡାବ ବସ୍ତି, ପାଖ ପଡ଼ୋଶୀ ଗାଁ ଓ ସଂପର୍କୀୟଙ୍କ ଘର ଯିବାକୁ ପଡୁଛି। ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ୍ ଇଣ୍ଡିଆ ଆହ୍ୱାନ ଏଠାରେ ବାଟ ହୁଡ଼ିଛି। ସେହିପରି ଏବେ ଲଗାଣବର୍ଷାରେ ପୋକଜୋକ ଘରେଘରେ ଅବାଧରେ ପଶି ଯାଉଥିବା ଅଭିଯୋଗ ହୁଏ। ୨୦୧୭ ମସିହା ଅଗଷ୍ଟ ମାସ ୧୭ ତାରିଖରେ ତତ୍କାଳୀନ



ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ କୁମାର ଜେନା ନଗଡ଼ା ଗସ୍ତରେ ଆଜି ଏଠାରେ ବିଦ୍ୟୁତ୍ ସେବାର ଉଦ୍‌ଘାଟନ କରିଥିଲେ।

ତେବେ ସେହିଦିନରୁ ନଗଡ଼ା ଓ ଗୁହିଆଶାଳର ଜଣେ ହେଲେ ଜୁଆଙ୍ଗ ଉପଭୋକ୍ତା ଟଙ୍କାଟିଏ ବି ବିଦ୍ୟୁତ୍ ବିଲ ପୈଠ କରିନାହାନ୍ତି। ୯ ବର୍ଷର ବକେୟା ବିଲ ବାବଦକୁ ଜଣ ପିଛା ୫ ହଜାରରୁ ୭ ହଜାର ଟଙ୍କା ପର୍ଯ୍ୟନ୍ତ ବିଲ୍ ବୋଝ ରହିଥିଲେ ସବୁ ଅନାଦାୟ ରହିଥିବା ଟିପିସିଓଡିଏଲ୍ କର୍ତ୍ତୃପକ୍ଷ କହନ୍ତି। ବାରମ୍ବାର ବିଲ ଦିଆଯାଉଥିବା ସତ୍ତ୍ୱେ ଉପର ନଗଡ଼ା, ମଝି ନଗଡ଼ା, ତଳ ନଗଡ଼ା ଓ ଗୁହିଆଶାଳ ଗାଁର ଶତାଧିକ ଉପଭୋକ୍ତା ପରିବାର ବିଦ୍ୟୁତ୍ ବିଲ ପୈଠ ଦିଗରେ ସାମାନ୍ୟତମ ସଚେତନ କିମ୍ବା ଯତ୍ନବାନ ହେଉନଥିବା ଟିପିସିଓଡିଏଲ୍ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଜିଲ୍ଲା ମଙ୍ଗଳ ବିଭାଗ ଉପେକ୍ଷିତ ଜନଜାତିଙ୍କ ମୌଳିକ ସମସ୍ୟା ନେଇ ସାମାନ୍ୟତମ ଯତ୍ନବାନ ନଥିବା ଜଣାପଡ଼ିଛି। ଜିଲ୍ଲା କିମ୍ବା ବ୍ଲକ ସ୍ତରରେ କୌଣସି ମଙ୍ଗଳ ଅଧିକାରୀ କିମ୍ବା କର୍ମଚାରୀଙ୍କୁ ଲୋକେ ଚିହ୍ନି ନଥିବା ଅଞ୍ଚଳବାସୀ କହନ୍ତି।

ବିଲ ଅନାଦେୟ ସଂପର୍କରେ ପଚାରିବାରେ 'ଆମେ ତ ଗରିବ ଲୋକ, ଖଟିଲେ ଖାଉଛୁ। ଗାଁରେ କାମ ମିଳୁନି କି ଟଙ୍କାଟିଏ ରୋଜଗାର ନାହିଁ। ଆମେ କେମିତି ବିଲ୍ ଦେବୁ' ବୋଲି କହି ଗାଁ ମୁଖିଆ ଠେଙ୍ଗେଣିଆ ପ୍ରଧାନ, ଗୋପି ପ୍ରଧାନ, ଗୋବିନ୍ଦ ପ୍ରଧାନ, ମାଲୁକୁ ପ୍ରଧାନ, ଆମ୍ ପ୍ରଧାନ, ସୁଜୁନା ପ୍ରଧାନ ପ୍ରମୁଖ ସ୍ପଷ୍ଟ ଉତ୍ତର ରଖିଥିଲେ।

ଏ ସଂପର୍କରେ ଟାଟାପାୱାର(ଟିପିସିଓଡିଏଲ୍) କର୍ତ୍ତୃପକ୍ଷଙ୍କୁ ପଚାରିବାରେ ଲୋକଙ୍କ ଅଭିଯୋଗ ପରେ ସେ ଗୁହିଆଶାଳ ଗସ୍ତକରି ପରିସ୍ଥିତି ଅନୁଧ୍ୟାନ କରିଥିଲେ ବୋଲି ଯନ୍ତ୍ରୀ ଇଂ ହୃଷୀକେଶ ବେହେରା କହନ୍ତି। ଉପଭୋକ୍ତାଙ୍କ ସଂଖ୍ୟା ଆଧାରରେ ୩ ମାସ ତଳୁ ୨୫ କେଭିଏ ଟ୍ରାନ୍ସଫର୍ମର କିଣା ଯାଇଛି। ହେଲେ ଗାଁକୁ ଏବେ ରାସ୍ତାନଥିବାରୁ ଗାଁକୁ ଟ୍ରାନ୍ସଫର୍ମର ବୋହିନେବା ସମ୍ଭବ ନୁହେଁ ବୋଲି ସେ କହନ୍ତି। ପାଗ ଶୁଖିଲା ହେବା ପରେ ଟ୍ରାକ୍ଟର ଯୋଗେ ଟ୍ରାନ୍ସଫର୍ମର ନିଆଯାଇ ସମସ୍ୟାର ସମାଧାନ କରାଯିବ କହିଥିଲେ। ତେବେ ଗମନାଗମନ ବିନା ୪ ମାସ ଧରି ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇରହିବା ସାଧାରଣରେ ଆଲୋଡ଼ନର କାରଣ ହୋଇଛି।

# ଖଣି ବିଭାଗ ନିଷ୍କ୍ରିୟ: ବାଗୁଡ଼ିରୁ ମାସିକ ୬ କୋଟିର ପଥର ଲୁଟ୍

ସୋର: ବାଲେଶ୍ୱରଜିଲ୍ଲା ସୋର ଅଞ୍ଚଳରେ ଥିବା ବାଗୁଡ଼ି ପାହାଡ଼ରୁ ଖୁଲମ୍‌ଖୁଲା ପଥର ଲୁଟ୍ ଚାଲିଛି। ପଥର ମାଫିଆ ଏଠାରେ ବେଶ୍ ସକ୍ରିୟ ଥିବାବେଳେ ଖଣି ବିଭାଗ ନିଷ୍କ୍ରିୟ। ଏହି ପାହାଡ଼କୁ ଯାଇଥିବା ରାସ୍ତାରେ ପୁଲିସ କ୍ୟାମ୍ପ ମଧ୍ୟ ପ୍ରହସନରେ ପରିଣତ ହୋଇଛି। ଫଳରେ ଏଠାରୁ ମାସିକ ପ୍ରାୟ ୬ କୋଟି ଟଙ୍କାର ପଥର ଲୁଟ୍ ହେଉଛି। ସୂଚନା ଅନୁସାରେ; ବାଗୁଡ଼ି ପାହାଡ଼ରେ ୬୨ଟି ପଥର ଖାଦାନ ରହିଛି। ପରିବେଶ ସୁରକ୍ଷା ଓ ଅନ୍ୟ ବୈଧାନିକ କାରଣ ପାଇଁ ଖାଦାନଗୁଡ଼ିକୁ ନିଲାମ ଦିଆଯାଇ ନାହିଁ। ଏହାର ସୁଯୋଗ ନେଇ ପଥର ମାଫିଆ ଏଠାରୁ ପ୍ରତିଦିନ ପ୍ରାୟ ୬ ଶହରୁ ଅଧିକ ଟ୍ରିପ୍ ପଥର ଚୋରା ଚାଲାଣ କରୁଛନ୍ତି। ଯାହାର ମୂଲ୍ୟ ପାଖାପାଖି ୨୦ ଲକ୍ଷ ଟଙ୍କା ହେବ। ଏହି ହିସାବକୁ ନେଲେ ମାସକୁ ପ୍ରାୟ ୬ କୋଟି ଟଙ୍କାର ପଥର ଲୁଟ୍ କରାଯାଉଛି। ମାଫିଆ ମାଲାମାଲ୍ ହେଉଥିବା ବେଳେ ସରକାର ବିପୁଳ ରାଜସ୍ୱ ହରାଉଛନ୍ତି। ତେବେ ଖଣି ବିଭାଗର ଖାମଖିଆଲ ନୀତି ପାଇଁ ବାଗୁଡ଼ି ପାହାଡ଼ରେ ଏପରି ଚୋରା କାରବାର ଚାଲିଥିବା ଅଭିଯୋଗ ହେଉଛି। ଖଣି ବିଭାଗର କିଛି କର୍ମଚାରୀଙ୍କୁ



ମାଫିଆମାନେ ହାତ କରି ଲୁଟ୍‌ରେ ମାତିଛନ୍ତି। ପଥର ଚୋରା ଚାଲାଣ ହେଉଥିବା ନେଇ ବିଭାଗୀୟ ଅଧିକାରୀମାନେ ଜାଣିଲେ ବି ଚଡ଼ଉ କରୁ ନାହାନ୍ତି। ପଚାରିଲେ କର୍ମଚାରୀ ଅଭାବ ଅଛନ୍ତି ବୋଲି ସଫେଇ ଦିଆଯାଉଛି। ଗତ ଡିସେମ୍ବର ୨ ତାରିଖ ଦିନ ବାଲେଶ୍ୱର ଜିଲ୍ଲାପାଳ ବାଗୁଡ଼ି ପାହାଡ଼ ପରିଦର୍ଶନ କରିବା ସହ ସଂପୃକ୍ତ ଅଞ୍ଚଳରେ ୧୬୩ ଧାରା ଜାରି କରିଥିଲେ। ପାହାଡ଼କୁ ଯାଇଥିବା ମୁଖ୍ୟରାସ୍ତାରେ ଏକ ପୁଲିସ କ୍ୟାମ୍ପ କରିଥିଲେ। ହେଲେ ଏସବୁର କିଛି ପ୍ରଭାବ ପଡ଼ିନି। କ୍ୟାମ୍ପ ରାସ୍ତାକୁ ଛାଡ଼ି ଅନ୍ୟ ରାସ୍ତା ଦେଇ ଟ୍ରକ୍ ଓ ଡମ୍ଫର ଦ୍ୱାରା ଅହରହ ପଥର ଲୁଟ୍ ଚାଲିଛି। ଏନେଇ ବାଲେଶ୍ୱର ଖଣି ଅଧିକାରୀ ସନ୍ତୋଷୀପ୍ରଭା ସେଠୀଙ୍କୁ ତାଙ୍କ ମୋବାଇଲ୍ ଫୋନ୍‌ରେ ଯୋଗାଯୋଗ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳି ପାରିନି। ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର କହିଛନ୍ତି, ବାଗୁଡ଼ି ପାହାଡ଼କୁ ଅନେକ ରାସ୍ତା ରହିଛି। ପୁଲିସ ପଥର ଚାଲାଣ ଉପରେ ନଜର ରଖୁଛି।

# ଗରିବ ଅସହାୟଙ୍କ ପାଇଁ ଆବାସ ଯୋଜନା ସାତସପନ



ଘୁ.ଉଦୟଗିରି: ଗୃହହୀନ ଓ ଚାଳଛପର ଘରେ ଜୀବନ ବିତାଉଥିବା ଗରିବ ପରିବାର ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରିଛନ୍ତି। କିନ୍ତୁ ଏହି ଯୋଜନା ଠିକ୍‌ଠାକରେ ପରିଚାଳିତ ହେଉନଥିବା ଦୃଷ୍ଟି ଗୋଚର ହେଉଛି। ଯେଉଁମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବା ଉଚିତ, ସେମାନେ ଅବହେଳିତ ଅଛନ୍ତି। ଥିଲା ବାଲାକୁ ମିଳୁଛି ସରକାରୀ ଯୋଜନା। ନଥିଲାବାଲା ଭାଗ୍ୟକୁ ଆଦରି ଭଙ୍ଗା ଦଦରା ଘରେ ଜୀବନ କାଟିବାକୁ ପଡୁଛି। ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳଜିଲ୍ଲା କ ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ବନେଗାଁ ଗ୍ରାମରେ।

ସ୍ତ୍ରୀ ବନାଦେଇ ପ୍ରଧାନ ଏବଂ ସ୍ୱାମୀ ଲାଇବନ ପ୍ରଧାନ ଭଙ୍ଗା ଦଦରା ଘରେ ଦୟନୀୟ ଭାବରେ ରହୁଥିବା ଦୃଶ୍ୟ ଦେଖିଲେ ସରକାରୀ ଯୋଜନା ବାଟବଣା ହେଲାଭଳି ମନେ ହେଉଛି। ଦିନ ମଜୁରୀ କରି ଯାହା ଆଦାୟ ହେଉଛି ସେଥିରେ ଦୁଇ ପ୍ରାଣୀ ନିଜ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଉ ଥିବା ବେଳେ ଘରର ଅବସ୍ଥା ଦିନକୁ ଦିନ ଦୟାନୀୟ ହେବାରେ ଲାଗିଲାଣି। ଭଙ୍ଗାଦଦରା ଘରକୁ ସଜାଡ଼ିବାକୁ ମଧ୍ୟ ସମ୍ବଳ ଅଭାବ। ଯେତିକି ମିଳୁଛି ସେତିକି ପରିବାର ଚଳିବା କଷ୍ଟ ପୁଣି ଘର ଖଣ୍ଡିଏ ତିଆରି କରିବା ଅସମ୍ଭବ ବୋଲି କହିଛନ୍ତି। ଦୀର୍ଘ ବର୍ଷରୁ ଭଙ୍ଗା ଦଦରା ଟିଣ ଛପର ଘରେ ଦୁଇ ବୁଢ଼ାବୁଢ଼ୀଙ୍କ ବିତୁଛି ଜୀବନ। ଏହି ଦୃଶ୍ୟ ଦେଖିବା ପରେ ସରକାରୀ ଯୋଜନା ଫେଲ୍ ମାରିଛି ବୋଲି ଗରିବ ଲୋକ ମତବ୍ୟକ୍ତ କରିଛନ୍ତି। ଦୁହିଁଙ୍କ ଘର ଛପର ନଷ୍ଟ ହେବାକୁ ଗଲାଣି ଘରର କାନ୍ଥ ସବୁ ଫାଟି ଆଁ କରିଛି ଏପରି ବିପଦ ସଙ୍କୁଳ ଘରେ ବୃଦ୍ଧ ବୃଦ୍ଧା ରାତ୍ରିଯାପନ କରୁଛନ୍ତି। ଘର ମରାମତି କରିବା ପାଇଁ ହାତରେ ସମ୍ବଳ ନାହିଁ। ଘର ଖଣ୍ଡିଏ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ କେହି ଶୁଣୁନାହାନ୍ତି ବୋଲି କହିଛନ୍ତି ସାରଙ୍ଗଡ଼ ଅଞ୍ଚଳ ଅଶ୍ୱିନି କୁମାରପାତ୍ର।

# ଶୀତଳଭଣ୍ଡାର ନଥିବାରୁ କ୍ଷତି ସହୁଛନ୍ତି ପରିବା ଚାଷୀ

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ରେ ଅବବାହିତ ବୈତରଣୀ ନଦୀର ବାମ ପାର୍ଶ୍ୱ ଗ୍ରାମ ଓ କୋଚିଳା ନଦୀର ଉଭୟ ପାର୍ଶ୍ୱର ଗ୍ରାମରେ ପ୍ରଚୁର ପରିମାଣର ପରିବା ଚାଷ ହେଉଛି । ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା, ସୈଲ,ମମାଦୁଲା,ନଦିଗାଁ ପଞ୍ଚାୟତରେ ତିନିଘରିଆ, ହସନାବାଦ ପଞ୍ଚାୟତର ପଙ୍ଗଟା, ପଣ୍ଡାସାହି, ନୂଆସାହି,ମଠସାହି,ଘାଟକୁଳ,ପାଳସାହି ପଞ୍ଚାୟତର ସାହୁସାହି,ଗଡ଼ଗଡ଼ି , କୁଳସାହି , ଗାନ୍ଧୀଘାଟ ଶାସନ ଆଦି ଗ୍ରାମ ହେଉଛି କୃଷିଭିତ୍ତିକ ଅଞ୍ଚଳ । ଏହି ଗ୍ରାମରେ ଖରିଫ ସମୟରେ ପ୍ରଚୁର ଧାନ ଚାଷ ସହିତ ରବି ଋତୁରେ ପ୍ରଚୁର ପରିମାଣରେ ପନିପରିବା ଚାଷ କରି ଲୋକେ ଜୀବିକା ନିର୍ବାହ କରନ୍ତି । ଏସବୁ ଗ୍ରାମର ଲୋକ ସଂଖ୍ୟା ପ୍ରାୟ ୧୦ ହଜାରରୁ ଅଧିକ । ଏସବୁ ଅଞ୍ଚଳରେ ପ୍ରାୟ ୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ। ଏହି ଅଞ୍ଚଳରେ ଚାଷୀ ମାନେ ଅନେକ ବୈଜ୍ଞାନିକ ପ୍ରଣାଳୀରେ ପନିପରିବା ଚାଷ କରି ରୋଜଗାର କରୁଥିଲେ ମଧ ଶୀତଳଭଣ୍ଡାର ନ ଥିବାରୁ ସେମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି.କଷ୍ଟ ଉପାର୍ଜିତ ପନିପରିବାକୁ ଉଚିତ ମୂଲ୍ୟ ମିଳୁ ନଥିବାବେଳେ ବେପାରୀ ସେଥିରୁ ଭଲ ଲାଭ କରୁଛନ୍ତି ।

ବୈତରଣୀ ଓ କୋଚିଳା ନଦୀ ଜଳକୁ ବ୍ୟବହାର କରି ଚାଷୀ ବର୍ଷକ ବାର ମାସ ପନିପରିବା, ବିରି,ମୁଗ, ଧାନ ଆଦି ଚାଷ କରୁଛନ୍ତି । ପ୍ରାୟ ଦୁଇରୁ ତିନି ହଜାର ଏକରରୁ ଅଧିକ ଚାଷଜମି ରହିଥିବା ବେଳେ ଉଠା ଜଳ ସେଚନର ବ୍ୟବସ୍ଥା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି । ବାଲିପାଟଣା, ତିନିଘରିଆ ପଙ୍ଗଟା,ପଣ୍ଡାସାହି, ଗଡ଼ଗଡି , କୁଳସାହି, ଗାନ୍ଧୀଘାଟ ଆଦି ଗ୍ରାମରେ



ହେକ୍ଟର ହେକ୍ଟର କ୍ଷେତରେ ପନିପରିବା ଚାଷ ହେଉଛି। ଶୀତଳଭଣ୍ଡାରର ସୁବିଧା ନ ଥିବାରୁ ଚାଷୀ ମାନେ ବାଧ ହୋଇ ବେପାରୀଙ୍କୁ ଦେଉଛନ୍ତି ଓ ଚାଷୀ ଗାଡ଼ି ଭଡା କରି ଯାଜପୁର,ଭଦ୍ରକ ଆଦି ଅନ୍ୟାନ୍ୟ ଗଦିଲେ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ଦାମରେ ବିକ୍ରି କରୁଛନ୍ତି । ଏ ଅଞ୍ଚଳରେ ଶୀତଳଭଣ୍ଡାର ସ୍ଥାପନ ହେଲେ ଟମାଟୋ ସସ୍, ଆଳୁ ଚିପ୍ସ ଆଦି ଛୋଟ କୃଷି ଉଦ୍ୟୋଗ ଗଢ଼ିଉଠିବ ଏହା ଚାଷୀଙ୍କ ଆର୍ଥିକ ସ୍ଥିତି ସୁଧାରିବ ବୋଲି ଚାଷୀ କରିଛନ୍ତି । ଉଦ୍ୟାନ ଅଧୁକାରୀ କହିଛନ୍ତି, ବୈତରଣୀ,କୋଚିଳା ପାର୍ଶ୍ୱର ଗ୍ରାମ ପନିପରିବା ଚାଷର ପେଣ୍ଠସ୍ଥଳ। ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଶୀତଳ ଭଣ୍ଡାର ପାଇଁ ସହାୟତା ଦେଉଛନ୍ତି । କେନ୍ଦ୍ର ସରକାର ରାଷ୍ଟ୍ରୀୟ ଉଦ୍ୟାନ ଓ ସମନ୍ୱିତ କୃଷି ବିକାଶ ଯୋଜନାରେ ସହାୟତା ଯୋଗାଇ ଦେଉଛନ୍ତି.ଚାଷୀଙ୍କୁ ବିଭିନ୍ନ ସଭା ସମିତିରେ ସଚେତନ କରାଯାଇଛି, କିନ୍ତୁ ନିଜସ୍ୱ ଅର୍ଥରେ ଶୀତଳ ଭଣ୍ଡାର କରିବାକୁ ସେମାନଙ୍କର ଆଗ୍ରହ ନ ଥିବା ପରିଲକ୍ଷିତ ହେଉଛି। ଯଦି କୌଣସି ଚାଷୀ ଆଗ୍ରହ ପ୍ରକାଶ କରିବେ, ସରକାରୀ ସହଯୋଗ ଦିଆଯିବ ବୋଲି ସେ କହିଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର



ନୂଆପଡ଼ା : ରାଜ୍ୟ ସରକାର ବିଦ୍ୟୁତ୍ ଭିତ୍ତିଭୂମିରେ ଉନ୍ନତିକରଣ ସହ ଲୋକଙ୍କୁ ସୁବିଧାରେ ବିଦ୍ୟୁତ୍ ଯୋଗାଣ ପାଇଁ ଟାଟା କମ୍ପାନୀ ହାତରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। କିନ୍ତୁ କେତେକ ସ୍ଥାନରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ ବିଦ୍ୟୁତ୍ ଯୋଗାଣରେ ଅବ୍ୟବସ୍ଥା ସହ ଟାନ୍ସଫର୍ମର ମଧ ବିପଦପୂର୍ଣ୍ଣ ଭାବେ ମୁକୁଳା ପଡ଼ିଥିବାର ପରିଲକ୍ଷିତ ହେଉଛି। ଏହାର ଏକ ଉଦାହରଣ ନୂଆପଡ଼ା ଜିଲ୍ଲାରେ ଦେଖାଦେଇଛି। ପ୍ରକାଶ ଯେ, ନୂଆପଡ଼ା ସଦର ବ୍ଲକ କେରମେଲି ଗାଁ ବରପଡା ଛକଠାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଟ୍ରାନ୍ସଫର୍ମର ଚାରି ପାର୍ଶ୍ୱରେ ତାର ବାଡ କିମ୍ବା ପାଚେରି ନିର୍ମାଣ ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଓ ମୌଖିକ ଭାବରେ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଗାଁର ତିନିଛକ ହୋଇଥିବାରୁ ଜନଗହଳି ଲାଗିବା ସହ ଗ୍ରାମ୍ୟ ଜଳଯୋଗାଣ ବିଭାଗର ପାଣିଟାଙ୍କି ମଧ ରହିଛି। ସୁରକ୍ଷା ବାଡ ନ ଥିବାରୁ ଅନେକ ସମୟରେ ବନ୍ୟଜନ୍ତୁ ଓ ଗୃହ ପାଳିତ ଗାଈ, ମଇଁଷି, ଛେଳି,ମେଣ୍ଢା ଇତ୍ୟାଦି ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରୁଥିବା ଅଭିଯୋଗ ହେଉଛି। ସେହି ରାସ୍ତା ନୂଆପଡା-ଟାନୱାଟ ଦେଇ ସୁନାବେଡାକୁ ସଂଯୋଗ କରିଛି। ଅଳ୍ପ ଦୂର ହୋଇଥିବାରୁ ଲୋକେ ସେହି ରାସ୍ତା ଦେଇ ନୂଆପଡାରୁ ସୁନାବେଡା ଯାଇଥାନ୍ତି। କୌଣସି ବଡ ଅଘଟଣ ଘଟିବା ପୂର୍ବରୁ ବିଦ୍ୟୁତ୍ ? ବିଭାଗ ମୁକୁଳା ଟ୍ରାନ୍ସଫର୍ମର ଚାରି ପାର୍ଶ୍ୱରେ ତାରବାଡ କିମ୍ବା ପାଚେରି ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି।






# ଜେଲେନସ୍କିଙ୍କ ଅପେକ୍ଷା ପୁଟିନ ଅଧିକ ଶାନ୍ତି ଚାହୁଁଛନ୍ତି: ଟ୍ରମ୍ପ୍



ୱାସିଂଟନ: ପ୍ରସ୍ତାବିତ ଶକ୍ତି ଅସ୍ତ୍ରବିରାମକୁ ରୁଷ ଉଲ୍ଲଂଘନ କରିଥିବା ନେଇ ପ୍ରଶ୍ନ ଉଠିବା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ରୁଷୀୟ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିୟର ଜେଲେନସ୍କିଙ୍କ ତୁଳନାରେ ଶାନ୍ତି ଚୁକ୍ତିରେ ପହଞ୍ଚିବାକୁ ଅଧିକ ଇଚ୍ଛୁକ ମନେ ହେଉଛନ୍ତି। ଓହାୟୋରେ ଏକ ରାଜନୈତିକ ରାଲିକୁ ଯିବା ପୂର୍ବରୁ ହ୍ୱାଇଟ୍ ହାଉସରେ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା କରି ଟ୍ରମ୍ପ କହିଛନ୍ତି, ମୁଁ ଭାବୁଛି ପୁଟିନ ପ୍ରକୃତରେ ଜେଲେନସ୍କିଙ୍କ ତୁଳନାରେ ଅଧିକ ଆପୋଷ ବୁଝାମଣା କରିବାକୁ ଚାହୁଁଛନ୍ତି। ୟୁକ୍ରେନ ଉପରେ ରୁଷର ନିରନ୍ତର ଆକ୍ରମଣ ଏବଂ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ବନ୍ଦ କରିବା ପାଇଁ ତାଙ୍କ ପ୍ରସ୍ତାବରେ ମସ୍କୋ ରାଜି ହୋଇଛି କି ନାହିଁ ସେ ବିଷୟରେ ସାମ୍ବାଦିକମାନେ ତାଙ୍କୁ ପ୍ରଶ୍ନ କରିବା ସମୟରେ ସେ ଏଭଳି ମନ୍ତବ୍ୟ ଦେଇଛନ୍ତି। ଟ୍ରମ୍ପ ଜୋର ଦେଇଥିଲେ ଯେ ଉଭୟ ଦେଶ ଅସ୍ତ୍ରବିରତି ପଦକ୍ଷେପକୁ ସମର୍ଥନ କରନ୍ତି। ପୁଟିନ ଏନେଇ ସାର୍ବଜନୀନ ଭାବରେ ପ୍ରତିବଦ୍ଧତା ପ୍ରକାଶ କରିନାହାନ୍ତି। ମୁଁ ଭାବୁଛି ସେମାନେ ଉଭୟ ଏହାକୁ ସମର୍ଥନ କରୁଛନ୍ତି। ସେମାନେ ଆପୋଷ କରିବାକୁ ଚାହାଁନ୍ତି, କିନ୍ତୁ ସେମାନେ କିପରି ଏହା କରିବେ ତାହା ଜାଣିନାହାନ୍ତି। ଆମେ ସେମାନଙ୍କୁ ଆପୋଷ ବୁଝାମଣା କରିବାକୁ ବାଧ କରିବୁ। ଯେତେବେଳେ ସ୍ପଷ୍ଟ ଭାବରେ ପଚରାଗଲା ଯେ ସେ, ପୁଟିନଙ୍କୁ ପ୍ରସ୍ତାବିତ ଅସ୍ତ୍ରବିରତି ପାଳନ କରିବାକୁ କିପରି ରାଜି କରାଇବେ, ଟ୍ରମ୍ପ କହିଛନ୍ତି, ମୁଁ ଭାବୁଛି ଯାହା ଘଟୁଛି ତାହା ସେମାନେ ଆପୋଷ ବୁଝାମଣା କରିବାକୁ ଚାହୁଁଛନ୍ତି ବୋଲି ମନେ ହେଉଛି।

# ଲଦାଖ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ: ଭାରତ




ନୂଆଦିଲ୍ଲୀ : ଲଦାଖ ପ୍ରସଙ୍ଗରେ ଚାଇନାକୁ କାଉଣ୍ଟର କଲା ଭାରତ। କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖ ଭାରତ ଅଭିନ୍ନ ଓ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଛି ନୂଆଦିଲ୍ଲୀ। ଭାରତ ସରକାର ଲଦାଖର ୨୮ଟି ରଣନୀତିକ ସ୍ଥଳ ଓ ଭୌଗଳିକ ବିଶେଷତ୍ୱକୁ ଅଧିକୃତ ମାନଚିତ୍ରରେ ସ୍ଥାନିତ କରିଥିବାରୁ ଏହା ବିରୋଧରେ ସ୍ୱର ଉଠାଇଥିଲା ଚାଇନା। ଏହାର ଜବାବ ଏବେ ଭାରତ ପକ୍ଷରୁ ଦିଆଯାଇଛି। ସରକାର ଲଦାଖ ପ୍ରଶାସନ ସହ ଆଲୋଚନା କରି ୨୮ଟି ସ୍ଥାନକୁ ସେଗୁଡ଼ିକ ବିଶେଷତ୍ୱ ଅନୁସାରେ ନାମିତ କରିଛନ୍ତି। ଏହାଦ୍ୱାରା ସେଗୁଡ଼ିକ ଭାରତୀୟ ସର୍ବେକ୍ଷଣ ବିଭାଗର ଅଧିକୃତ ମାନଚିତ୍ରରେ ସାମିଲ ହୋଇପାରିବ। ଏବେ ଲଦାଖର ସେହି ସବୁ ସ୍ଥାନ ଗୁଡ଼ିକ ଭାରତୀୟ ସର୍ବେକ୍ଷଣ ମାନଚିତ୍ରରେ ରହିଛି।

ଏହାଦ୍ୱାରା ଲୋକମାନେ ସେହି ସ୍ଥାନଗୁଡ଼ିକର ବିଶେଷତ୍ୱକୁ ଭଲ ଭାବେ ବୁଝି ପାରିବେ। କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖ ଭାରତର ଗୋଟିଏ ଅଭିନ୍ନ ଓ ଅବିଚ୍ଛେଦ୍ୟ ଅଙ୍ଗ। ଚାଇନିଜ ପକ୍ଷ ଏହାକୁ ଯେତେ ଅଗ୍ରାହ୍ୟ କଲେ ମଧ୍ୟ ପ୍ରକୃତ ସ୍ଥିତି ଓ ତଥ୍ୟ କେବେ ହେଲେ ବି ବଦଳିବ ନାହିଁ ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି। ଭାରତ ସରକାର ଲଦାଖର ୨୮ଟି ସ୍ଥାନକୁ ଚିହ୍ନଟ କରିବା ପରେ ଚାଇନା କଡ଼ା ଆପତ୍ତି ଦର୍ଶାଇଥିଲା। ଚାଇନା ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ ଗ୍ଲୋବାଲ ଟାଇମ୍ସକୁ ଭାରତର ଲଦାଖକୁ ନିଜର ବୋଲି କହିଥିଲେ। ଏଥିସହ ଭାରତର ପଦକ୍ଷେପକୁ ବେଆଇନ ଦର୍ଶାଇଥିଲେ। ସେ କହିଥିଲେ, "ଚାଇନା କେବେ ହେଲେ ବି ଭାରତ ସରକାର ଏକତରଫା ଓ ବେଆଇନ ଭାବେ ତଥାକଥିତ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖକୁ ଦେଇଥିବା ମାନ୍ୟତାକୁ ଅନୁମତି ଦେଇ ନାହିଁ। ଏହା ଭାରତର ପଶ୍ଚିମ ପ୍ରାନ୍ତରେ ଥିବା ସ୍ଥାନ ସବୁବେଳେ ଚାଇନାର। କୌଣସି ବେଆଇନ ଓ ଅବୈଧ ପଦକ୍ଷେପ ପ୍ରକୃତ ତଥ୍ୟକୁ ବଦଳାଇ ପାରିବ ନାହିଁ।" ଲଦାଖର ୨୮ଟି ସ୍ଥାନକୁ ଭାରତୀୟ ସର୍ବେକ୍ଷଣ ମାନଚିତ୍ରରେ ସ୍ଥାନ ଦେଇ ଭାରତ ସରକାର ସେଗୁଡ଼ିକୁ ନେଇ ଲାଗି ରହିଥିବା ପ୍ରଶାସନିକ ଦ୍ୱନ୍ଦ୍ୱ ଓ ସ୍ୱଚ୍ଛତାରେ ଏକ ସ୍ୱଷ୍ଟତା ଆଣିଥିଲେ। ଚାଇନା କରୁଥିବା ଦାବି ମଧ୍ୟ ଏହି ପଦକ୍ଷେ ଦ୍ୱାରା ଫସର ଫାଟିଥିଲା।

# ବଂଶବାଦ ରାଜନୀତିର ଅହଂକାରୀ ଚେହେରା ରାହୁଲ: ବିଜେପି



ନୂଆଦିଲ୍ଲୀ : କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଏକ ଭିଡିଓକୁ ନେଇ ଏବେ ଦେଶର ରାଜନୀତି ଖୁବ୍ ସରଗରମ୍। ଏହି ଭିଡିଓରେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ କୁର୍ତ୍ତାର କଲାର ଧରି ରାହୁଏ ତାଙ୍କୁ ଟାଣୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଏହି ଭିଡିଓକୁ ନେଇ ବିଜେପି ନେତାମାନେ ରାହୁଲଙ୍କୁ ଘେରିଛନ୍ତି। କର୍ଣ୍ଣାଟକଠାରୁ ଆରମ୍ଭ କରି ବିହାର ଓ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଏହାକୁ ନେଇ ରାଜନୈତିକ ବୟାନବାଜି ଜୋର୍ ଧରିଛି। ଖବର ଅନୁସାରେ, ଗତ ସୋମବାର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିକୁ ନେଇ ରାହୁଲ ଗାନ୍ଧିଙ୍କ ସମେତ ବିରୋଧୀ ନେତାମାନେ ସୁପ୍ରିମକୋର୍ଟ ଅଭିମୁଖେ ପଦଯାତ୍ରା କରୁଥିଲେ। ଏହି ସମୟର ଭିଡିଓକୁ ନେଇ ବିଜେପି ନେତାମାନେ କଂଗ୍ରେସ ଓ ରାହୁଲଙ୍କ ଆଚରଣ ଉପରେ ପ୍ରଶ୍ନ ଉଠାଇଛନ୍ତି। ବେଙ୍ଗାଲୁରୁ ଦକ୍ଷିଣର ବିଜେପି ସାଂସଦ ତେଜସ୍ୱୀ ସୂର୍ଯ୍ୟ ଏହି ଭିଡିଓକୁ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ସେୟାର କରି ରାହୁଲ ଗାନ୍ଧିଙ୍କୁ ସମାଲୋଚନା କରିଛନ୍ତି। ତାଙ୍କ ମତରେ, ଏହା କେବଳ ଜଣେ ନେତାଙ୍କ ପ୍ରତି ଅସମ୍ମାନ ନୁହେଁ, ବରଂ କର୍ଣ୍ଣାଟକର ପ୍ରାୟ ସାତ କୋଟି ଲୋକଙ୍କ ପ୍ରତି ଅପମାନ। ତେଜସ୍ୱୀ ସୂର୍ଯ୍ୟ କଂଗ୍ରେସର ବଂଶବାଦୀ ରାଜନୀତିକୁ ମଧ୍ୟ ଟାର୍ଗେଟ କରିଛନ୍ତି। ତାଙ୍କ କହିବା ଅନୁସାରେ, କ୍ଷମତା ଉପରେ ଗୋଟିଏ ପରିବାରର ଅଧିକାର ରହିଛି ବୋଲି ଭାବିବାର ମାନସିକତା କଂଗ୍ରେସରେ ଏବେ ବି ରହିଛି। କର୍ଣ୍ଣାଟକ ବିଜେପି ସଭାପତି ବି.ୱାଇ. ବିଜୟେନ୍ଦ୍ର ମଧ୍ୟ ଏହି ଘଟଣାକୁ ନେଇ ରାହୁଲଙ୍କୁ ସମାଲୋଚନା କରିଛନ୍ତି। ତାଙ୍କ ଅଭିଯୋଗ ହେଉଛି, ଏହି ଦୃଶ୍ୟ ଅହଂକାର, ଅସହିଷ୍ଣୁତା ଓ କ୍ଷମତାର ଦୁରୁପଯୋଗର ମାନସିକତାକୁ ଦର୍ଶାଉଛି। ସେ ଆହୁରି କହିଛନ୍ତି ଯେ ଭାରତର ଗଣତନ୍ତ୍ର କୌଣସି ଗୋଟିଏ ପରିବାରର ଆକାଂକ୍ଷାଠାରୁ ବଡ଼। କୌଣସି ରାଜନୈତିକ ନେତା ଆଇନ ଓ ସମ୍ବିଧାନଠାରୁ ଊର୍ଦ୍ଧ୍ୱରେ ନୁହନ୍ତି।

# ଦୀପାବଳି ଯାଏ ୟୁପିଆଇ ନେଣଦେଣ ଉପରେ ଲାଗିବନି କୌଣସି ଫି'




ନୂଆଦିଲ୍ଲୀ : ଡିଜିଟାଲ୍ ପେମେଣ୍ଟକୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି । ଟଟଓ ପେମେଣ୍ଟ ଉପରେ ନୂଆ ଚାର୍ଜ ଲାଗୁ କରିବା ନିଷ୍ପତ୍ତିକୁ ଦୀପାବଳି ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ନ୍ୟାସନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ପକ୍ଷରୁ ଏନେଇ ଅକ୍ଟୋବର ୧୩ରେ ଏକ ପ୍ରେସ୍ ନୋଟ୍ ଜାରି ସୂଚନା ଦିଆଯାଇଛି । ରିପୋର୍ଟ ଅନୁସାରେ, ୨,୦୦୦ରୁ ଅଧିକ ମୂଲ୍ୟର କେତେକ ବ୍ୟବସାୟିକ ୟୁପିଆଇ ଟ୍ରାଞ୍ଜାକ୍ସନ୍ ଉପରେ ୦.୪ ପ୍ରତିଶତ ମର୍ଚ୍ଚାଣ୍ଟ ଡିସ୍କାଉଣ୍ଟ ରେଟ୍ (ଏମ୍‌ଡିଆର) ଲାଗୁ କରିବା ଯୋଜନା ଥିଲା। ଏହା ଚଳିତ ସପ୍ତାହର ଗୁରୁବାରଠାରୁ ଲାଗୁ ହେବାର ଥିଲା। କିନ୍ତୁ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଏହାକୁ ଦୀପାବଳି ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ନୂଆ ତାରିଖ ପରବର୍ତ୍ତି ସମୟରେ ଘୋଷଣା କରାଯିବ ବୋଲି କୁହାଯାଇଛି। ଏହି ଚାର୍ଜକୁ ନେଇ ବ୍ୟବସାୟୀ ସଂଗଠନ ଓ ଫିନଟେକ୍ କମ୍ପାନୀଗୁଡ଼ିକ ଆପତ୍ତି ଉଠାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ପାର୍ବଣ ସମୟରେ ଅତିରିକ୍ତ ଖର୍ଚ୍ଚ ବଢ଼ିଲେ ବ୍ୟବସାୟୀଙ୍କ ଲାଭ କମିବା ସହ ଏହାର ପ୍ରଭାବ ଗ୍ରାହକଙ୍କ ଉପରେ ମଧ୍ୟ ପଡ଼ିପାରେ। ଏହି କାରଣରୁ ଚାର୍ଜ ଲାଗୁ କରିବା ନିଷ୍ପତ୍ତିକୁ ସାମୟିକ ଭାବେ ଟାଳିବାକୁ ବିଚାର କରାଯାଇଥିବା କୁହାଯାଉଛି। ଯଦି ୦.୪ ପ୍ରତିଶତ ଗଉଜ ଲାଗୁ ହୁଏ, ତେବେ ୧୦,୦୦୦ର ବ୍ୟବସାୟିକ ଟ୍ରାଞ୍ଜାକ୍ସନ୍ ଉପରେ ୪୦ ଚାର୍ଜ ହିସାବ ହେବ। ଏହି ଫି' ସାଧାରଣତଃ ପେମେଣ୍ଟ ପ୍ରକ୍ରିୟାକରଣ ପାଇଁ ବ୍ୟବସାୟୀଙ୍କଠାରୁ ନିଆଯାଏ। ନୂଆ ଚାର୍ଜ କେବେଠାରୁ ଲାଗୁ ହେବ, ସେନେଇ ଚୂଡ଼ାନ୍ତ ତାରିଖ ଘୋଷଣା ହୋଇନଥିବା ରିପୋର୍ଟରେ କୁହାଯାଇଛି। ତେଣୁ ବ୍ୟବସାୟୀ ଓ ଡିଜିଟାଲ୍ ପେମେଣ୍ଟ କ୍ଷେତ୍ରରେ ଏହି ନିଷ୍ପତ୍ତିକୁ ନେଇ ଆଗାମୀ ଘୋଷଣା ଉପରେ ନଜର ରହିଛି।

# ୨୩୦୦ ବର୍ଷ ପୁରୁଣା ଜାହାଜର ରହସ୍ୟ ଉନ୍ମୋଚନ



ନୂଆଦିଲ୍ଲୀ: ଆଡ୍ରିଆଟିକ୍ ସାଗର(ଭୂମଧ୍ୟସାଗରର ଏକ ଉତ୍ତର ଦିଗରେ ଅବସ୍ଥିତ ପ୍ରମୁଖ ଅଂଶ। ଏହା ଇଟାଲୀୟ ଉପଦ୍ୱୀପ ଏବଂ ବାଲକାନ ଉପଦ୍ୱୀପ ମଧ୍ୟରେ ଅବସ୍ଥିତ) ଗଭୀର ଜଳରାଶି ତଳେ ୨୦୦୦ ବର୍ଷରୁ ଅଧିକ ସମୟ ଧରି ବୁଡ଼ି ରହିଥିବା ଏକ ଜାହାଜ ଏବେ ପ୍ରାଚୀନ ନୌଯାତ୍ରୀଙ୍କ ସମ୍ପର୍କରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଆଡ୍ରିଆଟିକ୍ ସାଗରରେ ଅବସ୍ଥିତ କ୍ରୋଏସିଆର ଭିସ୍ ଦ୍ୱୀପ ନିକଟରେ ଏକ ଜାହାଜବୁଡ଼ିଯାଇଥିଲା। ବୁଡ଼ି ଯାଇଥିବା ଜାହାଜର ଧ୍ୱଂସାବଶେଷ ଖୋଜୁଥିବା ପ୍ରତ୍ନତତ୍ତ୍ୱବିତ୍ମାନଙ୍କୁ ନିକଟରେ କିଛି ଦୁର୍ଲଭ ମାଟିପାତ୍ର, ପ୍ରାଚୀନ ମୁଦ୍ରା ଓ ସେରାମିକ୍ ପାତ୍ର ମିଳିଛି। ଏହି ପାତ୍ରଗୁଡ଼ିକରେ ଏପରି କିଛି ଚିହ୍ନ ରହିଛି, ଯାହାଦ୍ୱାରା ସେଗୁଡ଼ିକର ମାଲିକଙ୍କ ପରିଚୟ ଜାଣିବା ସମ୍ଭବ ହୋଇପାରେ ବୋଲି କୁହାଯାଉଛି। କ୍ରୋଏସିଆନ୍ କନ୍ଜରଭେସନ୍ ଇନ୍‌ଷ୍ଟିଚ୍ୟୁଟ୍ ଅନୁଯାୟୀ, କ୍ରୋଏସିଆର କୋମିଜା ସହର ନିକଟସ୍ଥ ଗ୍ଲିଲନା ଉପସାଗରରେ ଏହି ଜାହାଜର ଧ୍ୱଂସାବଶେଷ ମିଳିଛି। ଏହି ଅଞ୍ଚଳରୁ ପୂର୍ବରୁ କେବଳ ପ୍ରାଚୀନ ପରିବହନ ପାତ୍ରର ଭଙ୍ଗା ଖଣ୍ଡ ମିଳିଥିଲା। କିନ୍ତୁ ୨୦୨୩ରୁ ୨୦୨୫ ମଧ୍ୟରେ ସମୁଦ୍ର ତଳେ ହୋଇଥିବା ଖନନରୁ ଜଣାପଡ଼ିଛି ଯେ ସେଠାରେ ଆହୁରି ଅନେକ ଐତିହାସିକ ସାମଗ୍ରୀ ରହିଛି।

# ନ୍ୟୁୟର୍କ ବିମାନବନ୍ଦରରେ ମହମ୍ମଦ ୟୁନୁସଙ୍କୁ ବିରୋଧ ସହ ନାରାବାଜି



ନୂଆଦିଲ୍ଲୀ : ବାଂଲାଦେଶର ପୂର୍ବତନ ସରକାରଙ୍କ ପ୍ରମୁଖ ମହମ୍ମଦ ୟୁନୁସଙ୍କୁ ବିଦେଶରେ ବିରୋଧ । ନ୍ୟୁୟର୍କରେ ତୀବ୍ର ବିରୋଧ କରିଛନ୍ତି ପ୍ରବାସୀ ବାଂଲାଦେଶୀ । ଲୋକମାନେ ତାଙ୍କୁ ଆତଙ୍କବାଦୀ ବୋଲି ସମ୍ବୋଧନ କରିଛନ୍ତି । ବାଂଲାଦେଶ ହିଂସାରେ ଶହ ଶହ ଲୋକଙ୍କ ମୃତ୍ୟୁ ପାଇଁ ମହମ୍ମଦ ୟୁନୁସଙ୍କୁ ଦାୟି କରିଛନ୍ତି । ବିମାନବନ୍ଦରରେ ପରିସ୍ଥିତି ଅପ୍ରିତିକର ହେବାରୁ ସୁରକ୍ଷାକର୍ମୀମାନେ ତାଙ୍କୁ ସୁରକ୍ଷିତ ସ୍ଥାନକୁ ନେଇ ଯାଇଛନ୍ତି । ଏହି ଘଟଣାକୁ ନେଇ ୟୁନୁସ କିମ୍ବା ତାଙ୍କ ପ୍ରତିନିଧିଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ବୟାନ ଆସିନାହିଁ । ସୋମବାର ନ୍ୟୁୟର୍କର ଜନ୍ ଏଫ୍. କେନେଡି ଅନ୍ତର୍ଜାତୀୟ ବିମାନବନ୍ଦରରେ ଏଭଳି ଅପ୍ରିତିକର ଘଟଣା ଘଟିଥିଲା । ବାଂଲାଦେଶର ମୁଖ୍ୟ ଉପଦେଷ୍ଟା ପଦ ଛାଡ଼ିବା ପରେ ୟୁନୁସ ପ୍ରଥମ ଥର ବିଦେଶ ଗସ୍ତ କରିଥିଲେ । ଏହି ଗସ୍ତ ସମୟରେ ତାଙ୍କୁ କିଛି ପ୍ରବାସୀ ବାଂଲାଦେଶୀ ବିରୋଧ କରିଥିଲେ ।

ସୋସିଆଲ ମିଡିଆରେ ଏହି ଘଟଣାର ଏକ ଭିଡିଓ ଏବେ ଭାଇରାଲ୍ ହେଉଛି । ଭିଡିଓରେ କିଛି ଲୋକ ୟୁନୁସଙ୍କୁ ସାମ୍ନାରେ ନାରାବାଜି କରିଥିଲେ । ସେମାନେ ତାଙ୍କୁ 'ତୁମେ ଆତଙ୍କବାଦୀ', 'ତୁମେ ବାଂଲାଦେଶରେ ଲୋକଙ୍କୁ ହତ୍ୟା କରିଛ', 'ତୁମେ ଏଠାକୁ କାହିଁକି ଆସିଛ ?' ବୋଲି ପ୍ରଶ୍ନ କରୁଥିବା ଶୁଣିବାକୁ ମିଳୁଛି । କିଛି ବାଂଲାଦେଶୀ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ବିରୋଧକାରୀମାନେ ୟୁନୁସଙ୍କ ଉପରେ ହଜାର ହଜାର ପୁଲିସକର୍ମୀଙ୍କ ମୃତ୍ୟୁ ପାଇଁ ଅଭିଯୋଗ ଆଣିଥିଲେ । ଏପରିକି ତାଙ୍କୁ ଫେରିଯିବାକୁ କହିଥିଲେ । ମହମ୍ମଦ ୟୁନୁସ୍ ନ୍ୟୁୟର୍କ ବିମାନ ବନ୍ଦରରେ ପହଞ୍ଚିବା ମାତ୍ରେ ତାଙ୍କୁ ବିରୋଧ କରାଯାଇଥିଲା । ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ସୁରକ୍ଷାକର୍ମୀମାନେ ତାଙ୍କୁ ତୁରନ୍ତ ସେଠାରୁ ସୁରକ୍ଷିତ ସ୍ଥାନକୁ ନେଇଯାଇଥିଲେ । ଢାକାର ଖବରକାଗଜ 'ଡେଲି ସନ୍' ବିମାନବନ୍ଦରରେ ଉପସ୍ଥିତ ଲୋକଙ୍କ ସୂତ୍ରରୁ ରିପୋର୍ଟ କରିଛି ଯେ, ବିବାଦ ବଢ଼ିବା ପରେ ୟୁନୁସ ଏବଂ ତାଙ୍କ ସହଯୋଗୀ ଲାମିଆ ମୋର୍ଶେଦ ଶୀଘ୍ର ବିମାନବନ୍ଦର ଭିତରକୁ ଫେରିଯାଇଥିଲେ ।

# ଗର୍ଭବତୀ ସାମ୍ବାଦିକାଙ୍କୁ ଠେଲିଦେଲେ ରାହୁଲ !

ନୂଆଦିଲ୍ଲୀ : ସୁପ୍ରିମକୋର୍ଟ ପରିସରରେ ବିରୋଧୀ ଦଳଙ୍କ ପ୍ରତିବାଦ ବେଳେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ଜଣେ ତିନି ମାସର ଗର୍ଭବତୀ ସାମ୍ବାଦିକାଙ୍କୁ ଠେଲାପେଲା କରିଥିବା ଅଭିଯୋଗ ହୋଇଛି। ଜାତୀୟ ଗଣମାଧ୍ୟମ ସାମ୍ବାଦିକା ରିଚା ପରାଶର ଏହି ଅଭିଯୋଗ ଆଣିବା ସହ ଦିଲ୍ଲୀର ଏକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତେବେ କଂଗ୍ରେସ ଏହି ଅଭିଯୋଗକୁ ଖଣ୍ଡନ କରି ଏହାକୁ ବିଜେପିର ମିଥ୍ୟା ପ୍ରଚାର ବୋଲି କହିଛି। ଘଟଣାକୁ ନେଇ ଦୁଇ ଦଳ ମଧ୍ୟରେ ରାଜନୈତିକ ବାକ୍ୟୁଦ୍ଧ ତୀବ୍ର ହୋଇଛି। ରିଚାଙ୍କ ଅଭିଯୋଗ ଅନୁଯାୟୀ, ନିର୍ବାଚନ ଆୟୋଗଙ୍କ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର)କୁ ନେଇ ବିରୋଧୀ ମେଣ୍ଟ 'ଇଣ୍ଡିଆ' ପକ୍ଷରୁ ପ୍ରତିବାଦ ଚାଲିଥିବା ବେଳେ ସେ ସୁପ୍ରିମକୋର୍ଟ ପରିସରରେ ରାହୁଲ ଗାନ୍ଧିଙ୍କ ବାଇଟ୍ ନେବାକୁ ଅପେକ୍ଷା କରିଥିଲେ। ସେ ରାହୁଲଙ୍କ ଆଡ଼କୁ ମାଇକ୍ ବଢ଼ାଇଥିଲେ। ରାହୁଲ ମାଇକ୍ ହଟାଇବାକୁ ଇଙ୍ଗିତ କରିବାରୁ ସେ ମାଇକ୍ ପଛକୁ ନେଇଥିଲେ। କିନ୍ତୁ ଅନ୍ୟ ସାମ୍ବାଦିକମାନେ ମାଇକ୍ ଆଗକୁ ବଢ଼ାଇବାରୁ ସେ ପୁଣି ମାଇକ୍ ଆଗକୁ ନେଇଥିଲେ।

ଏହି ସମୟରେ ରାହୁଲ ଗାନ୍ଧି ତାଙ୍କ ହାତକୁ ଧରି ଜୋର୍‌ରେ ଟାଣି ଦେଇଥିଲେ। ପରେ ସୁରକ୍ଷାକର୍ମୀ ମାନେ ତାଙ୍କୁ ଠେଲି ଦେବାରୁ ସେ ସୁପ୍ରିମକୋର୍ଟ ପ୍ରବେଶ ପଥରେ ଥିବା ପାହାଚ ଉପରେ ମୁହଁ ମାଡ଼ି ପଡ଼ିଯାଇଥିଲେ। ତାଙ୍କ ଆଣ୍ଠୁ ଓ ପେଟ ତଳେ ମାଡ଼ ହୋଇଥିବା ସେ ଅଭିଯୋଗ କରିଛନ୍ତି। ଏହା ସହ ରାହୁଲ ତାଙ୍କ କ୍ୟାମେରାମ୍ୟାନ୍‌ଙ୍କୁ ମଧ୍ୟ ଠେଲି ଦେଇଥିବା ଏବଂ ସେ ରିଚାଙ୍କ ଉପରେ ପଡ଼ିଯିବା ପରେ ଅନ୍ୟ କେତେଜଣ ମଧ୍ୟ ତାଙ୍କ ଉପରେ ପଡ଼ିଯାଇଥିବା ଅଭିଯୋଗ କରିଛନ୍ତି। ଏହି ଘଟଣାରେ ତାଙ୍କ ମୋବାଇଲ୍ ଫୋନ୍ ଭାଙ୍ଗିଯାଇଥିବା ଏବଂ ମାଇକ୍ର ରିସିଭର୍ ଖସିଯାଇଥିବା ରିଚା କହିଛନ୍ତି। ଏ ନେଇ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଏହା କୌଣସି ରାଜନୈତିକ ଦଳର ପ୍ରସଙ୍ଗ ନୁହେଁ। ସେ ଜଣେ ସାଧାରଣ ନାଗରିକ ଓ କାର୍ଯ୍ୟରତ ସାମ୍ବାଦିକା। ଘଟଣା ପରେ ତାଙ୍କୁ ନେଇ ସୋସିଆଲ୍ ମିଡିଆରେ ବିଭିନ୍ନ ମନ୍ତବ୍ୟ ଦିଆଯାଉଥିବାରୁ ସେ ଦୁଃଖିତ ବୋଲି କହିଛନ୍ତି।

# ପଞ୍ଜାବରେ ନିଶା ବିରୋଧୀ କର୍ମୀଙ୍କୁ ଗୁଳିକରି ହତ୍ୟା



ମାନସ: ପଞ୍ଜାବର ମାନସାଠାରେ ମେଡିକାଲ ଦୋକାନରେ ବେଆଇନ ନିଶା କାରବାର ବିରୋଧରେ ପ୍ରତିବାଦ କରିବାରୁ ଜଣେ ନିଶା ବିରୋଧୀ କର୍ମୀଙ୍କୁ ମଙ୍ଗଳବାର ଦିନ ମେଡିକାଲ ଦୋକାନୀ ଗୁଳି କରି ହତ୍ୟା କରିଛି। ମୃତ ପରବିନ୍ଦର ସିଂହ ଝୋଟା, ଯିଏକି ଅବୈଧ ନିଶା ଦ୍ରବ୍ୟର ବେଆଇନ ବିକ୍ରିର ପର୍ଦ୍ଦାଫାସ୍ କରିବା ପାଇଁ ଜଣାଶୁଣା ଥିଲେ, ସେ ଆଜି ନିଜର ଫେସବୁକ୍ ଆକାଉଣ୍ଟରେ ଲାଇଭ୍ କରି ଦୋକାନୀଙ୍କୁ ନିଶା ବିକ୍ରି ନେଇ ପ୍ରଶ୍ନ କରୁଥିବା ସମୟରେ ତାଙ୍କୁ ଗୁଳିକରାଯାଇଛି। ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା ପାଞ୍ଚ ମିନିଟର ଭିଡିଓରେ ଝୋଟା ଜଣେ ବୃଦ୍ଧ ବ୍ୟକ୍ତିଙ୍କ ସହିତ ଠିଆ ହୋଇ ସେହି ଦୋକାନରୁ ନିଶା କିଣିଥିବା ଦାବି କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏବଂ ଦୋକାନୀ ହାତରେ ପିସ୍ତଲ ଧରିଥିବା ଦେଖିବାକୁ ମିଳିଥିଲା। ଯୁକ୍ତିତର୍କ ପ୍ରାୟ ଚାରି ମିନିଟ୍ ଧରି ଚାଲିବା ପରେ ଦୋକାନୀ ଜଣକ ଗୁଳି ଚଳାଇଥିଲେ, ଯାହାଫଳରେ ଝୋଟାଙ୍କର ମୃତ୍ୟୁ ହୋଇଥିଲା ଏବଂ ତାଙ୍କ ମୋବାଇଲ୍ ତଳେ ପଡ଼ିଯିବାରୁ ଲାଇଭ୍ ବନ୍ଦ ହୋଇଯାଇଥିଲା। ଏହି ଘଟଣା ପରେ ଅଭିଯୁକ୍ତ ଦୋକାନୀ ଫେରାର ଅଛନ୍ତି। ଦିବାଲୋକରେ ଘଟିଥିବା ଏହି ହତ୍ୟାକାଣ୍ଡ ପଞ୍ଜାବରେ ଏକ ବଡ଼ଧରଣର ରାଜନୈତିକ ବିବାଦ ସୃଷ୍ଟି କରିଛି।

# ମାନହାନି ମାମଲାରେ ରାହୁଲ ଗାନ୍ଧିଙ୍କୁ ଆଶ୍ୱସ୍ତି

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ମାନହାନି ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଆଶ୍ୱସ୍ତି ମିଳିଛି। ସୁପ୍ରିମକୋର୍ଟ ଏହି ମାମଲାରେ ଶୁଣାଣି ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ମୋଦୀଙ୍କ ବିରୋଧରେ ଦେଇଥିବା ମନ୍ତବ୍ୟ ପାଇଁ ରାହୁଲଙ୍କ ବିରୋଧରେ ଚାଲିଥିବା ଫୌଜଦାରୀ ମାନହାନି ମାମଲାର ବିଚାର ଉପରେ ଶୀର୍ଷକୋର୍ଟ ରୋକ ଲଗାଇ ତଳ କୋର୍ଟର କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ଅପରେଶ କୁମାର ସିଂଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ବେଞ୍ଚ ମହାରାଷ୍ଟ୍ରର ଏକ ମାଜିଷ୍ଟ୍ରେଟ୍ ଅଦାଲତରେ ଚାଲିଥିବା ଏହି ମାମଲାର ବିଚାର ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଏହା ସହିତ କୋର୍ଟ ଏହି ଆବେଦନ ଉପରେ ୪ ସପ୍ତାହ ମଧ୍ୟରେ ଜବାବ ରଖିବା ପାଇଁ ସମ୍ପୃକ୍ତ ପକ୍ଷ ଓ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି।

# ଗୁଜରାଟରେ ବିଜେପିର ବଡ଼ ବିଜୟ

ଗାନ୍ଧୀନଗର : ଗୁଜରାଟରେ ସ୍ଥାନୀୟ ନିକାୟ ନିର୍ବାଚନର ଭୋଟ ଗଣତି ଶେଷ ହେବା ପରେ ଗାନ୍ଧୀନଗର ମ୍ୟୁନିସିପାଲ କର୍ପୋରେସନ, ଓଖା ଓ ଥାରାରେ ଭାଜପା ଚମତ୍କାର ବିଜୟ ହାସଲ କରିଛି। ଗାନ୍ଧୀନଗର ମହାନଗର ନିଗମର ୪୪ଟି ଆସନ ମଧ୍ୟରୁ ଭାଜପା ୩୮ଟି ଆସନ ଜିତିଥିବା ବେଳେ କଂଗ୍ରେସକୁ ୫ଟି ଆସନ ମିଳିଛି। ଅନ୍ୟ ଗୋଟିଏ ଆସନରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସେହିପରି ଥାରା ନଗରପାଳିକାରେ ଭାଜପା ୧୯ଟି ଆସନ ଦଖଲ କରିଛି। ଅନ୍ୟପକ୍ଷରେ ଓଖା ନଗରପାଳିକାରେ ଭାଜପା ୩୩ଟି ଆସନ ଜିତିଥିବା ବେଳେ କଂଗ୍ରେସ ଖାତାକୁ ୩ଟି ଆସନ ଯାଇଛି। ଗାନ୍ଧୀନଗର ନଗର ନିଗମର ୧୧ଟି ୱାର୍ଡର ୪୪ଟି ଆସନ ପାଇଁ ମତଦାନ ହୋଇଥିଲା। ଏହି ନିର୍ବାଚନରେ ମୋଟ ୧୩୦ ଜଣ ପ୍ରାର୍ଥୀ ନିଜ ଭାଗ୍ୟ ପରୀକ୍ଷା କରିଥିଲେ। ଗାନ୍ଧୀନଗର ନଗର ନିଗମରେ ଗତ ୫ ବର୍ଷ ଧରି ଭାଜପାର ଦବଦବା ରହିଆସିଛି। ଏଥର ନିର୍ବାଚନରେ ଭାଜପା, କଂଗ୍ରେସ ଓ ଆମ ଆଦମୀ ପାର୍ଟି (ଆପ) ମଧ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏହି ନଗର ନିଗମର ୧୧ଟି ୱାର୍ଡର ୪୪ଟି ଆସନ ପାଇଁ ପ୍ରାୟ ୨.୫୯ ଲକ୍ଷ ଭୋଟର ଥିଲେ। ଦେବଭୂମି ଦ୍ୱାରକା ଜିଲାର ଓଖା ନଗରପାଳିକାର ୯ଟି ୱାର୍ଡର ଆସନ ପାଇଁ ଭୋଟ ଗଣତି ସମ୍ପର୍କରେ ରିପୋର୍ଟରେ ଉଲ୍ଲେଖ ରହିଛି। ସେଠାରେ ୪ଟି ଆସନରେ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ଅବଶିଷ୍ଟ ଆସନ ପାଇଁ ମୋଟ ୭୫ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଥିଲେ। ଗାନ୍ଧୀନଗର ନଗର ନିଗମର ୪୪ଟି ଆସନ ପାଇଁ ଶେଷ ଥର ୨୦୨୧ରେ ନିର୍ବାଚନ ହୋଇଥିଲା।

# ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା:ପଚରାଯିବ ୪୦ ପ୍ରଶ୍ନ



ନୂଆଦିଲ୍ଲୀ : ୧୬ ନଭେମ୍ବରରୁ ଆରମ୍ଭ ହେଉଛି ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା। ଯାହାକି ୧ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। ଜନଗଣନା ପାଇଁ ଗୋରଖପୁରର ଏମ୍‌ଏମ୍‌ଏମ୍‌ୟୁଟି ରେ ଟ୍ରେନିଂ ଆରମ୍ଭ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟ ଟ୍ରେନିଂରେ ଫିଲ୍ଡ ଟ୍ରେନର ଅନ୍ୟ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେବେ। ଟ୍ରେନିଂରେ ମିଳୁଥିବା ସୂଚନା ଅନୁସାରେ, ଏଥର ଜନଗଣନାରେ ପ୍ରତି ବ୍ୟକ୍ତିଙ୍କୁ ୪୦ଟି ପ୍ରଶ୍ନ ପଚରାଯିବ। ଜନଗଣନାରେ ଏଥର ପୁରୁଷ ଏବଂ ମହିଳାଙ୍କୁ ୪ ବିବାହ ଦର୍ଶାଇବାର ବି ବିକଳ୍ପ ରହିଛି। ସେଭଳି ଲିଭ୍ ଇନ୍ ରିଲେସନସିପ୍‌ରେ ରହୁଥିବା ଯୋଡ଼ିଙ୍କୁ ବିବାହ ପୂର୍ବରୁ ଦମ୍ପତି ଭାବରେ ମନେକରାଯିବ। ଭାରତ ସରକାର ରାଜପତ୍ର ଅନୁସାରେ, କୌଣସି ପ୍ରକାର ଜାତି-ଧର୍ମର ଲୋକ ୪ ବିବାହକୁ ଜନଗଣନାରେ ଦର୍ଶାଇ ପାରନ୍ତି। ପ୍ରଥମ ପର୍ଯ୍ୟାୟରେ ଘରର ଗଣନା କରାଯାଇଛି, ଯାହା ଆଧାରରେ ଜନଗଣନା ହେବ। ଏଥର ଘର ନ ଥିବା ଲୋକଙ୍କର ମଧ୍ୟ ଗଣନା କରାଯିବ। ଲୋକଙ୍କ ନାଗରିକତା ବଦଳରେ ଘୋଷିତ ଜାତୀୟତାକୁ ଜନଗଣନାରେ ଦାଖଲ କରାଯିବ। ଜାତି ମଧ୍ୟ ପଚରାଯିବ। ଜିଲ୍ଲାପାଳ ଦୀପକ ମିଣା କହିଛନ୍ତି, ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ପାଇଁ ଟ୍ରେନିଂ ଆରମ୍ଭ ହୋଇଯାଇଛି। ଟ୍ରେନିଂ ନେଉଥିବା ଲୋକଙ୍କୁ କୁହାଯାଇଛି ସବୁ ପ୍ରଶ୍ନ ବିଷୟରେ ଭଲ ଭାବରେ ବୁଝି ନିଅନ୍ତୁ। ଜନଗଣନାର ସଂଖ୍ୟା ସମ୍ପୂର୍ଣ୍ଣ ଭାବରେ ପୁରା ହେବା ଦରକାର। ଏଭଳି ଭାବରେ ଭବିଷ୍ୟତର ଯୋଜନା ତିଆରି ହେବ। ଯେଉଁ ଲୋକ ସ୍ୱ-ଗଣନା କରନ୍ତି, ତାଙ୍କୁ ସ୍ୱ-ଗଣନା ସୁବିଧା ରହିବ। ଏହି ସମୟରେ, ଉତ୍ତର ପ୍ରଦେଶ ସରକାର ତିନି ମାସ ମଧ୍ୟରେ ଅବସର ନେଉଥିବା କର୍ମଚାରୀଙ୍କୁ ଜନଗଣନା କାର୍ଯ୍ୟରୁ ମୁକ୍ତ କରିଛନ୍ତି। କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ବିଭାଗର ଯୁଗ୍ମ ସଚିବ କୃପା ଶଙ୍କର ଯାଦବ ଏପରି କର୍ମଚାରୀଙ୍କୁ ଜନଗଣନା କାର୍ଯ୍ୟରୁ ବାଦ ଦେବା ସମ୍ପର୍କରେ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହା ସ୍ପଷ୍ଟ କରାଯାଇଛି ଯେ ୨୦୨୭ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟର ତିନି ମାସ ମଧ୍ୟରେ ଅବସର ନେଉଥିବା କର୍ମଚାରୀଙ୍କୁ ଜନଗଣନା କାର୍ଯ୍ୟରୁ ମୁକ୍ତ କରାଯିବ।

# ପାକିସ୍ତାନରେ ଟ୍ରେନ୍ ଲାଇନଚ୍ୟୁତ: ୫ ମୃତ



ଇସ୍‌ଲାମାବାଦ୍: ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଏକ ଯାତ୍ରୀବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଏହି ଦୁର୍ଘଟଣାରେ ପାଞ୍ଚ ଜଣଙ୍କର ମୃତ୍ୟୁ ଘଟିଛି। ୩୦ରୁ ଅଧିକ ଜଣ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୫ଟା ୧୫ ସମୟରେ ଟ୍ରେନଟି କରାଚୀରୁ ପେଶାୱର ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ମୁଲତାନର ଶେର ଶାହ ବ୍ରିଜ୍ ନିକଟରେ ରେହମାନ ବାବା ଏକ୍ସପ୍ରେସ୍ ଲାଇନଚ୍ୟୁତ ହୋଇଛି। ଆହତମାନଙ୍କୁ ଚିକିତ୍ସା ପାଇଁ ମୁଲତାନର ନିସ୍ତାର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଦ୍ଧାରକାରୀ ଦଳ ଦୁର୍ଘଟଣା ସ୍ଥଳରେ କାର୍ଯ୍ୟ ଜାରି ରଖିଛନ୍ତି। ଉଦ୍ଧାର ଅଧିକାରୀ କହିଛନ୍ତି, ୧୩ଟି କୋଚ୍ ଖାଲି କରାଯାଇଛି। କିଛି ଯାତ୍ରୀ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ଦୁର୍ଘଟଣା ପୂର୍ବରୁ ରୋହରି ନିକଟରେ କର୍ମଚାରୀମାନେ ନଅ ନମ୍ବର କୋଚ୍ର ନଟ୍ ଏବଂ ବୋଲ୍ଟ ମରାମତି କରିଥିଲେ। ଜିଓ ରିପୋର୍ଟ କରିଛି ଯେ, ଏହି ଦାବିକୁ ସ୍ୱାଧୀନ ଭାବରେ ଯାଞ୍ଚ କରାଯାଇପାରି ନାହିଁ ଏବଂ ମରାମତିର ଲାଇନଚ୍ୟୁତ ସହିତ କିଛି ସମ୍ପର୍କ ଅଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଦୁର୍ଘଟଣାରେ ଆହତ ଯାତ୍ରୀମାନଙ୍କ ପାଇଁ ଚିନ୍ତା ପ୍ରକାଶ କରିଛନ୍ତି। ସେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଆହତମାନଙ୍କୁ ସର୍ବୋତ୍ତମ ସମ୍ଭାବ୍ୟ ଚିକିତ୍ସା ଯୋଗାଇଦେବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଦିଲ୍ଲୀରୁ ସ୍ଥାନାନ୍ତର ହେବନି ଭାରତ-ଶ୍ରୀଲଙ୍କା ଦିନିକିଆ: ବିସିସିଆଇ ସମ୍ପାଦକ

ନୂଆଦିଲ୍ଲୀ: ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଆସନ୍ତା ଡିସେମ୍ବର ୧୩ ଶ୍ରୀଲଙ୍କା ମଧ୍ୟରେ ଡିସେମ୍ବରରେ ଏକ ସୀମିତ ଓଭର କ୍ରିକେଟ୍ ଶୃଙ୍ଖଳା ଖେଳାଯିବ। ଏହି ଗସ୍ତରେ ଶ୍ରୀଲଙ୍କା ଦଳ ଭାରତ ବିପକ୍ଷରେ ୩ଟି ଦିନିକିଆ ଓ ୩ଟି ଟି-୨୦ ମ୍ୟାଚ୍ ଖେଳିବ। ଶୃଙ୍ଖଳାର ଆରମ୍ଭ ଡିସେମ୍ବର ୧୩ରେ

**ଶୃଙ୍ଖଳାର କାର୍ଯ୍ୟସୂଚୀ**

ଡିସେମ୍ବର ୧୩: ପ୍ରଥମ ଦିନିକିଆ - ଦିଲ୍ଲୀ
ଡିସେମ୍ବର ୧୬: ଦ୍ୱିତୀୟ ଦିନିକିଆ-ବେଙ୍ଗାଲୁରୁ
ଡିସେମ୍ବର ୧୯: ତୃତୀୟ ଦିନିକିଆ - ଅହମଦାବାଦ
ଡିସେମ୍ବର ୨୨: ପ୍ରଥମ ଟି-୨୦ -ରାଜକୋଟ
ଡିସେମ୍ବର ୨୪: ଦ୍ୱିତୀୟ ଟି-୨୦ - କଟକ
ଡିସେମ୍ବର ୨୭: ତୃତୀୟ ଟି-୨୦- ପୁଣେ

ତାରିଖରେ ଦିଲ୍ଲୀରେ ଖେଳାଯିବାକୁ ଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ର ସ୍ଥାନ ପରିବର୍ତ୍ତନ ହେବ ନାହିଁ। ଏହି ମ୍ୟାଚ୍‌କୁ ଦିଲ୍ଲୀରୁ ଅହମଦାବାଦକୁ ସ୍ଥାନାନ୍ତର କରାଯିବା ନେଇ ହୋଇଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇଛି ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)। ବୋର୍ଡର ସମ୍ପାଦକ ଦେବଜିତ ସାଇକିଆ ସୋମବାର ଏହି ସୂଚନା ସ୍ପଷ୍ଟ କରିଛନ୍ତି। ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ପ୍ରଥମ ଦିନିକିଆର ଆୟୋଜନ ସ୍ଥଳ ପରିବର୍ତ୍ତନ ହୋଇପାରେ ବୋଲି ଯେଉଁ ଖବର ପ୍ରକାଶ ପାଇଥିଲା, ତାହାକୁ ସେ ଖଣ୍ଡନ କରିଛନ୍ତି। ବିସିସିଆଇ ପକ୍ଷରୁ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଭାରତ ଓ ଦିଲ୍ଲୀରେ ହେବାକୁ ଥିବା ପ୍ରଥମ ଦିନିକିଆରୁ ହେବ। ଏହି ମ୍ୟାଚ୍ ଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଆୟୋଜିତ ହେବାକୁ ସ୍ଥିର ହୋଇଛି। ତେବେ ଷ୍ଟାଡିୟମ୍‌ରେ ନିର୍ମାଣ ଓ ମରାମତି ସମ୍ପର୍କିତ କାର୍ଯ୍ୟ ଚାଲୁଥିବାରୁ ମ୍ୟାଚ୍ ଆୟୋଜନକୁ ନେଇ କିଛିଟା ଅନିଶ୍ଚିତତା ସୃଷ୍ଟି ହୋଇଥିଲା। ଏହି କାରଣରୁ ପ୍ରଥମ ଦିନିକିଆକୁ ଦିଲ୍ଲୀରୁ ଅହମଦାବାଦକୁ ସ୍ଥାନାନ୍ତର କରାଯାଇପାରେ ବୋଲି ବିଭିନ୍ନ ମହଲରେ ଆଲୋଚନା ହୋଇଥିଲା। ଅହମଦାବାଦରେ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ ପାଇଁ ଉପଯୁକ୍ତ ଷ୍ଟାଡିୟମ୍ ଥିବାରୁ ଏହାକୁ ବିକଳ୍ପ ଭେନ୍ୟୁ ଭାବେ ବିଚାର କରାଯାଇପାରେ ବୋଲି ଖବର ପ୍ରକାଶ ପାଇଥିଲା। କିନ୍ତୁ ଏ ସମ୍ପର୍କରେ ବିସିସିଆଇ କୌଣସି ନିଷ୍ପତ୍ତି ନେଇନାହିଁ ବୋଲି ସମ୍ପାଦକ ଦେବଜିତ ସାଇକିଆ ସ୍ପଷ୍ଟ କରିଛନ୍ତି। ଫଳରେ ଡିସେମ୍ବର ୧୩ର ପ୍ରଥମ ଦିନିକିଆ ମ୍ୟାଚ୍ ଦିଲ୍ଲୀରେ ହିଁ ଖେଳାଯିବା ନେଇ ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ଅନ୍ୟପକ୍ଷରେ, ଏହି ଦିନିକିଆ ଶୃଙ୍ଖଳାର ତୃତୀୟ ତଥା ଶେଷ ମ୍ୟାଚ୍ ଅହମଦାବାଦରେ ଖେଳାଯିବାକୁ ସ୍ଥିର ହୋଇଛି। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଡିସେମ୍ବର ୧୩ରେ ଦିଲ୍ଲୀରେ ପ୍ରଥମ ଦିନିକିଆ ଖେଳାଯିବା ପରେ ଡିସେମ୍ବର ୧୬ରେ ବେଙ୍ଗାଲୁରୁରେ ଦ୍ୱିତୀୟ ଦିନିକିଆ ଆୟୋଜିତ ହେବ। ଏହାପରେ ଡିସେମ୍ବର ୧୯ରେ ଅହମଦାବାଦରେ ତୃତୀୟ ଦିନିକିଆ ସହ ଏହି ପର୍ଯ୍ୟାୟ ଶେଷ ହେବ। ତିନୋଟି ମ୍ୟାଚ୍‌ର ଏହି ଶୃଙ୍ଖଳା ଉଭୟ ଦଳ ପାଇଁ ସୀମିତ ଓଭର କ୍ରିକେଟ୍‌ରେ ନିଜର ପ୍ରଦର୍ଶନ ପ୍ରମାଣ କରିବାର ସୁଯୋଗ ଆଣିବ। ଦିନିକିଆ ଶୃଙ୍ଖଳା ପରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳା ଖେଳାଯିବ। ଏହି ଶୃଙ୍ଖଳାର ପ୍ରଥମ ମ୍ୟାଚ୍ ଡିସେମ୍ବର ୨୨ରେ ରାଜକୋଟରେ ଅନୁଷ୍ଠିତ ହେବ। ଏହାପରେ ଡିସେମ୍ବର ୨୪ରେ କଟକରେ ଦ୍ୱିତୀୟ ଟି-୨୦ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌କୁ ନେଇ ଓଡ଼ିଶାର କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ମଧ୍ୟ ଉତ୍ସାହ ରହିବା ଆଶା କରାଯାଉଛି। ଶୃଙ୍ଖଳାର ତୃତୀୟ ତଥା ଶେଷ ଟି-୨୦ ମ୍ୟାଚ୍ ଡିସେମ୍ବର ୨୭ରେ ପୁଣେରେ ଖେଳାଯିବ। ଏହି ମ୍ୟାଚ୍ ସହ ଶ୍ରୀଲଙ୍କାର ଭାରତ ଗସ୍ତ ଶେଷ ହେବ। ସମଗ୍ର ଗସ୍ତରେ ଦୁଇ ଦଳ ମଧ୍ୟରେ ମୋଟ ୬ଟି ମ୍ୟାଚ୍ ଖେଳାଯିବ। ଏଥିରେ ଦିନିକିଆ ଓ ଟି-୨୦ ଫର୍ମାଟ୍‌ରେ ତିନୋଟି ଲେଖାଏଁ ମ୍ୟାଚ୍ ରହିଛି। ତେଣୁ ମ୍ୟାଚ୍ ଆୟୋଜନ ସ୍ଥଳ ଓ କାର୍ଯ୍ୟସୂଚୀକୁ ନେଇ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ଆଗ୍ରହ ବଢ଼ିଛି। ବିଶେଷକରି ଦିଲ୍ଲୀରେ ପ୍ରଥମ ଦିନିକିଆ ଆୟୋଜନ ହେବା ନେଇ ବିସିସିଆଇର ସ୍ପଷ୍ଟୀକରଣ ପରେ ଏହି ମ୍ୟାଚ୍‌ର ଭେନ୍ୟୁ ପରିବର୍ତ୍ତନ ସମ୍ପର୍କିତ ଚର୍ଚ୍ଚାର ଅବସାନ ଘଟିଛି।



# ଆଇସିସିର ମାସିକ ସମ୍ମାନ: ଗିଲ୍ ଓ ଶେଫାଳି ଶ୍ରେଷ୍ଠ



ନୂଆଦିଲ୍ଲୀ: ଦୁଇ ଭାରତୀୟବ୍ୟାଟର ଶୁଭମନ ଗିଲ୍ ଏବଂ ଶେଫାଳି ବର୍ମା ସେପ୍ଟେମ୍ବର ମାସ ପାଇଁ ଆଇସିସିର ଶ୍ରେଷ୍ଠ ଖେଳାଳି ସମ୍ମାନ ଅର୍ଜନ କରିଛନ୍ତି। ଗିଲ୍ ପୁରୁଷ ବର୍ଗ ପାଇଁ ଏବଂ ଶେଫାଳି ମହିଳା ବର୍ଗ ପାଇଁ ଏହି ପୁରସ୍କାର ବିଜେତା ହୋଇଛନ୍ତି। ଭାରତୀୟ ଦିନିକିଆ ଦଳ ଅଧିନାୟକ ଗିଲ୍ ରେକର୍ଡ ପଞ୍ଚମ ଥର ପାଇଁ ଏହା ଅର୍ଜନ କରି ନୂଆ କୀର୍ତ୍ତିମାନ ବି ପ୍ରତିଷ୍ଠା କରିଛନ୍ତି।ଗିଲ୍ ଗତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ଶତକ (୧୧୦) ଏବଂ ଦ୍ୱିଶତକ (୨୨୩) ଅର୍ଜନ କରିଥିଲେ। ଶେଫାଳି ମହିଳା ଏସିଆ କପ୍‌ରେ ଅଗ୍ରଣୀ ରନ୍ ସଂଗ୍ରହକାରୀ ଓ ଏସୀୟ କ୍ରୀଡ଼ା ସେମିଫାଇନାଲ୍‌ରେ ଶତକ ହାସଲ କରିଥିଲେ। ତୃତୀୟ ଥର ପାଇଁ ଗୋଟିଏ ମାସର ଉଭୟ ପୁରୁଷ ଓ ମହିଳା ବର୍ଗର ପୁରସ୍କାର ଭାରତୀୟ ଜିତି ନେଇଛନ୍ତି। ଗିଲ୍ ପୂର୍ବରୁ ୨୦୨୩ରେ ଜାନୁଆରି ଓ ସେପ୍ଟେମ୍ବରରେ ଏବଂ ୨୦୨୫ ମସିହାର ଫେବ୍ରୁଆରି ଓ ଜୁଲାଇରେ ମଧ୍ୟ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ୨୭ ବର୍ଷୀୟ ଗିଲ୍ ଗତ ମାସରେ ୧୩୩ ବଲ୍‌ରୁ ୨୨୩ ରନ୍ ସଂଗ୍ରହ କରିବା ଅବସରରେ ଦ୍ରୁତତମ ଦ୍ୱିଶତକ ହୋଇଥିଲା। ଫଳରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ୪୦୬ ରନ୍ ପଶ୍ଚାତ୍ ଧାବନକୁ ଭାରତ ୩୯ ବଲ୍ ପୂର୍ବରୁ ହାସଲ କରି ନେଇଥିଲା। ସେହିଭଳି ଶେଫାଳି ଏସିଆ କପ୍‌ରେ ୧୮୪.୬୧ ଷ୍ଟ୍ରାଇକରେଟ୍‌ରେ ସର୍ବାଧିକ ୩୬୦ ରନ୍ ସଂଗ୍ରହ କରିବା ସହ ଏସୀୟ କ୍ରୀଡ଼ାରେ ବାଂଲାଦେଶ ବିପକ୍ଷ ସେମିଫାଇନାଲ୍‌ରେ ଜୀବନର ପ୍ରଥମ ଟ୍ୱେଣ୍ଟି-୨୦ ଶତକ (୧୦୦ଅ) ଏବଂ ଶ୍ରୀଲଙ୍କା ବିପକ୍ଷ ଫାଇନାଲ୍ ରେ ୪୮ ରନ୍ କରି ଭାରତକୁ ସ୍ୱର୍ଣ୍ଣିମ ସଫଳତା ଦେଇଥିଲେ। ପୂର୍ବରୁ ୨୦୨୪ ଜୁନ୍‌ରେ ଯଶପ୍ରୀତ୍ ବୁମ୍‌ରା, ସ୍ମୃତି ମନ୍ଧାନା ଏବଂ ୨୦୨୫ ଅଭିଷେକ ଶର୍ମା ଓ ସ୍ମୃତି ମନ୍ଧାନା ଏହି ସମ୍ମାନକୁ ପୋଛି ନେଇଥିଲେ।

# ସ୍ୱତନ୍ତ୍ର ଜର୍ସିରେ ଦିନିକିଆ ଶୃଙ୍ଖଳା ଖେଳିବ ନ୍ୟୁଜିଲାଣ୍ଡ

ନୂଆଦିଲ୍ଲୀ: ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଆସନ୍ତା ନଭେମ୍ବର ୪ରୁ ୧୫ପର୍ଯ୍ୟନ୍ତ ଖେଳାଯିବ। ଉକ୍ତ ଦିନିକିଆ ଶୃଙ୍ଖଳାରେ ନ୍ୟୁଜିଲାଣ୍ଡ କ୍ରିକେଟ ଦଳ ସ୍ୱତନ୍ତ୍ର ଜର୍ସି ପିନ୍ଧି ଖେଳିବ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ କ୍ରିକେଟ ସମ୍ପର୍କର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଘରୋଇ ନ୍ୟୁଜିଲାଣ୍ଡ ଦଳ ପାଇଁ ଏକ ସ୍ୱତନ୍ତ୍ର ନୂତନ ଜର୍ସି ଉନ୍ମୋଚନ କରାଯାଇଛି। ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ ପକ୍ଷରୁ ପ୍ରସ୍ତୁତ ନୂତନ ଜର୍ସିରେ ମଣ୍ଡଳୀ କଳା ଏବଂ ପଦ୍ମ ଫୁଲର ଚିତ୍ରଣ ରହିଛି। ଏହି ଜର୍ସିର ଡିଜାଇନ ପ୍ରସ୍ତୁତ କରିବା ସମୟରେ ଭାରତ ଏବଂ ନ୍ୟୁଜିଲାଣ୍ଡର ସାଂସ୍କୃତିକ ଐତିହ୍ୟକୁ ବିଚାରକୁ ନିଆଯାଇଥିଲା। ନ୍ୟୁଜିଲାଣ୍ଡ ଦଳ କୋଟାହିତାଙ୍ଗି ଜର୍ସି ପିନ୍ଧିବ। ଯାହାର ଅର୍ଥ ହେଉଛି ଏକତା ଏବଂ ସଂହତି। ଏହି ଜର୍ସିକୁ ବେନ୍ ଥୋମାସନ, ଜୟ ପଞ୍ଚ ଏବଂ ଶିବ ନାରାନ୍ଦ୍ରାସ ମିଳିତ ଭାବେ ଡିଜାଇନ ପ୍ରସ୍ତୁତ କରିଛନ୍ତି ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ବୋର୍ଡ ପକ୍ଷରୁ କୁହାଯାଇଛି। ଥୋମାସନ ଏଥିରେ ପାରମ୍ପରିକ ମାଓ୍ୱରି ଅମୃତ ଚିତ୍ରକଳା, ଡିଜାଇନ ଏବଂ ବିଭିନ୍ନ ଚିତ୍ରାଙ୍କନ ଶୈଳୀକୁ ସାମିଲ କରିଛନ୍ତି। ଅନ୍ୟପକ୍ଷରେ ଭାରତୀୟ କଳାକାର ଜୟ ପଞ୍ଚ ଏବଂ ଶିବ ନରେନ୍ଦ୍ର ମିଳିତ ଭାବରେ ଭାରତୀୟ ସଂସ୍କୃତି ଓ ସ୍ଥାପତ୍ୟ ଶୈଳୀର ଉପାଦାନଗୁଡ଼ିକୁ ଏହି ଜର୍ସିର ଡିଜାଇନରେ ଅନ୍ତର୍ଭୁକ୍ତ କରିଛନ୍ତି। ଅନ୍ୟପକ୍ଷରେ ବିସିସିଆଇ ପକ୍ଷରୁ ଭାରତୀୟ ଦଳର ନୂତନ ଜର୍ସି ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ଘୋଷଣା କରାଯାଇନାହିଁ।



# ସିନରଙ୍କୁ ପଛରେ ପକାଇ ଜେରେଭ୍ ହେଲେ ବିଶ୍ୱର ୧ ନଂ ଟେନିସ୍ ଖେଳାଳି



ପ୍ୟାରିସ୍ : ପୁରୁଷ ଟେନିସ୍‌ରେ ନୂଆ ଇତିହାସ ରଚିଛନ୍ତି ଜର୍ମାନୀର ଆଲେକ୍‌ଜାଣ୍ଡର ଜେରେଭ୍। ୧୯୯୧ ପରେ ପ୍ରଥମ ଜର୍ମାନ ପୁରୁଷ ଖେଳାଳି ଭାବେ ସେ ଏଟିପି ବିଶ୍ୱ ମାନ୍ୟତାର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ୩୫ ବର୍ଷ ତଳେ ଜର୍ମାନୀର ବୋରିସ୍ ବେକର୧୯୯୧ରେ ବିଶ୍ୱର ଏକ ନମ୍ବର ସିଙ୍ଗଲ୍‌ସ ଖେଳାଳି ହୋଇଥିଲେ। ସାଂଘାଇ ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟର ତୃତୀୟ ରାଉଣ୍ଡରୁ କାର୍ଲୋସ୍ ଆଲକାରାଜ୍ ବିଦାୟ ନେବା ପରେ ୨୯ ବର୍ଷୀୟ ଜେରେଭ୍ ଶୀର୍ଷ ସ୍ଥାନରେ ରହିବା ନିଶ୍ଚିତ ହୋଇଥିଲା। ଆହତ ହୋଇ ଇଟାଲୀର ଯାନିକ୍ ସିନର ଓ୍ୱିମ୍ବଲଡନ୍ ପରଠାରୁ ନ ଖେଳିବା ଯୋଗୁଁ ଜେରେଭ୍ ୧ନଂ ମାନ୍ୟତା ପାଇଛନ୍ତି। ୧ନଂ ମାନ୍ୟତା ପାଇବାରେ ବେକରଙ୍କ ପରେ ଜେରେଭ୍ ଜର୍ମାନୀର ୨ୟ ପୁରୁଷ ଖେଳାଳି। ଜେରେଭ୍ ଏକାଧିକ ପ୍ରମୁଖ ଟାଇଟଲ୍ ଜିତିବା ସହ ଦୀର୍ଘ ବର୍ଷ ଧରି ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କ ମଧ୍ୟରେ ସ୍ଥାନ ବଜାୟ ରଖିଛନ୍ତି। ୨୦୨୬ରେ ଫ୍ରେଞ୍ଚ୍ ଓପନ୍ ଓ ୟୁଏସ୍ ଓପନ୍ ତାଙ୍କ ଦକ୍ଷତା ପ୍ରମାଣିତ କରିଛନ୍ତି। ଜେରେଭ୍‌ଙ୍କ ପାଇଁ ୨୦୨୬ ବର୍ଷ ବେଶ୍ ସଫଳ ହୋଇଛି। ସେ ଗ୍ରାଣ୍ଡସ୍ଲାମ୍ ଅଷ୍ଟ୍ରେଲିଆନ୍ ଓପନ୍‌ର ସେମିଫାଇନାଲ୍‌ରେ ପହଞ୍ଚିବା ପରେ ସେ ଏଟିପି ମାଷ୍ଟର୍ସ ୧୦୦୦ର ପ୍ରଥମ ୪ଟି ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିଲେ। ଫ୍ରେଞ୍ଚ୍ ଓପନ୍ ଫାଇନାଲରେ ଜେରେଭ୍ ପାଞ୍ଚ ସେଟ୍‌ର ମୁକାବିଲାରେ ଫ୍ଲାଭିଓ କୋବୋଲିଙ୍କୁ ହରାଇ ଜୀବନର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଜିତିଥିଲେ। ପରେ ଜେରେଭ୍ ଓ୍ୱିମ୍ବଲଡନ୍ ଫାଇନାଲ୍‌ରେ ପହଞ୍ଚି ଚାରିଟି ଯାକ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳିବାରେ ସେ ପ୍ରଥମ ଜର୍ମାନ ପୁରୁଷ ଖେଳାଳି ହୋଇଥିଲେ। ପରେ ସେ ୟୁଏସ୍ ଓପନ୍ ମଧ୍ୟ ଜିତିଥିଲେ।

## ସପ୍ତାହର ଶେଷରେ

## ପ୍ରଜାତନ୍ତ୍ର ସାପ୍ତାହିକୀ

୧୧ - ୧୭ ଅକ୍ଟୋବର ୨୦୨୬ଶକ୍ତି ରୂପେଣ ସଂସ୍ଥିତା




**ଜାତୀୟ:** ସେବାର ୨୫ ବର୍ଷ ପୂରଣ
**ଅନ୍ତର୍ଜାତୀୟ:** ମୁନୀରଙ୍କ କବଜାରେ ପାକିସ୍ତାନ !
**ବିଶେଷ ପ୍ରସଙ୍ଗ:** ଦେଶରେ ବଢ଼ୁଥିବା ନାରୀ ନିର୍ଯାତନା
**କ୍ଷୁଦ୍ରଗଳ୍ପ :** ଅନ୍ତର୍ଦାହ
**ନାରୀ :** ହୁଅନ୍ତୁ ହୋମ୍ 'ଲିଡର'
**ଚଳଚ୍ଚିତ୍ର :** ରାଧିକା ଆପଟେ୍ଙ୍କ ମନର ବ୍ୟଥା,
**ଖେଳ:** ଗୋବିନ୍ଦାଙ୍କ ଉପରେ ପୁଣି ବର୍ଷିଲେ ଦିବ୍ୟା ଖୋସଲ

**ଏଥିରେ ଅଛି ମୀନାବଜାର :** ନିର ପକେଟ୍ ମନି.., ଚର୍ଚ୍ଚାରେ: ବୃହତ୍ତମ କଖାରୁ 'ବଘିରା'..., ବିଜ୍ଞାନ: ସୁନାମି ପରି କାହିଁକି ହୋଇପାରେନି ବନ୍ୟାର ପୂର୍ବାନୁମାନ..., ପର୍ଯ୍ୟଟନ: କଟକର ଘାଟ.., ଧର୍ମ: ଚଉଷଠୀ ଯୋଗିନୀଙ୍କ ଅଦ୍ଭୁତ ପୀଠ..., କବିତା: କ'ଣ ବା ପାରିବି କରି

**ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ**

## ରଣଜୀରେ ଚମକିଲେ ଷ୍ଟାର୍ ଖେଳାଳି

# ରିଙ୍କୁଙ୍କ ଶତକ, ଜାଡେଜାଙ୍କ ଧମାକା

ନୂଆଦିଲ୍ଲୀ: ଅକ୍ଟୋବର ୧୧ରୁ ଆରମ୍ଭ ହୋଇଛି ଭାରତର ସବୁଠାରୁ ବଡ଼ ଘରୋଇ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି । ପ୍ରଥମ ରାଉଣ୍ଡରୁ ଦମଦାର ପ୍ରଦର୍ଶନ କରିଛନ୍ତି ଦକ୍ଷ ଖେଳାଳି । କ୍ରୀଡ଼ାପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ରିଙ୍କୁ ସିଂହ, ମହମ୍ମଦ ସାମି ଏବଂ ରବୀନ୍ଦ୍ର ଜାଡେଜାଙ୍କ ଭଳି ଖେଳାଳି । ଉତ୍ତରପ୍ରଦେଶ ପକ୍ଷରୁ ଖେଳୁଥିବା ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ ରିଙ୍କୁ ସିଂହ ବିହାର ବିପକ୍ଷ ମ୍ୟାଚରେ ଏକ ଆକର୍ଷଣୀୟ ଶତକ ହାସଲ କରିଛନ୍ତି । ସେ ୧୧୨ ରନ୍ର ଏକ ଦମଦାର ପାଳି ଖେଳିଛନ୍ତି । ଯେଉଁଥିରେ ୮ଟି ଚୌକା ଏବଂ ୩ଟି ଛକା ସାମିଲ ରହିଛି । ପ୍ରଥମରୁ ଦକ୍ଷିଣାତ୍ମକ ଢ଼ଙ୍ଗରେ ବ୍ୟାଟିଂ ଜାରି ରଖିଥିଲେ । ଦଳୀୟ ସ୍କୋରକୁ ଆଗକୁ ବଢ଼ାଇବାକୁ ସହ ନିଜର ବ୍ୟକ୍ତିଗତ ରନ ମଧ୍ୟ ବଢ଼ାଇଥିଲେ । ତେବେ ଏହି ଦମଦାର ପାଳି ବଳରେ ରିଙ୍କୁ ପ୍ରଥମ ଶ୍ରେଣୀ କ୍ରିକେଟ୍ କ୍ୟାରିୟରର ୧୦ମ ଶତକ ହାସଲ କରିବାରେ ସମର୍ଥ ହୋଇଛନ୍ତି । ସେପଟେ ଏହି ମ୍ୟାଚରେ ରିଙ୍କୁଙ୍କ ସହ ସାଥୀ ଖେଳାଳି ମାଧବ କୌଶିକ ମଧ୍ୟ ଶତକ ହାସଲ କରିଛନ୍ତି, ଯାହାଫଳରେ ଉତ୍ତରପ୍ରଦେଶ ଦଳ ଏକ ବଡ଼ ସ୍କୋର ଆଡ଼କୁ ଅଗ୍ରସର ହେଉଛି । ବଙ୍ଗଳା ପକ୍ଷରୁ ଖେଳୁଥିବା ସାମି ଦିଲ୍ଲୀର ୪ ଜଣ ବ୍ୟାଟ୍ସମ୍ୟାନଙ୍କୁ ପାଭିଲିୟନ ପଠାଇଛନ୍ତି । ତାଙ୍କର ଘାତକ ବୋଲିଂ ଆଗରେ ଦିଲ୍ଲୀର ପ୍ରଥମ ପାଳି ମାତ୍ର ୨୪୦ ରନରେ ସମାପ୍ତ ହୋଇଯାଇଥିଲା । ତାରକା ଖଚିତ ଦିଲ୍ଲୀର ବଡ଼ ବଡ଼ ବ୍ୟାଟ୍ସମ୍ୟାନଙ୍କ ହାତକୁ ପ୍ରଥମରୁ ବାନ୍ଧି ରଖିଥିଲେ ସାମି । ସୌରାଷ୍ଟ୍ର ପକ୍ଷରୁ ଖେଳୁଥିବା ଟିମ୍ ଇଣ୍ଡିଆର ଦକ୍ଷ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ମଧ୍ୟ ଦମଦାର ବ୍ୟାଟିଂ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି । ପ୍ରଥମ ପାଳିରେ ୮୦ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଛନ୍ତି ଜଡୁ । ସେପଟେ, ହାଇଦ୍ରାବାଦର ଅଧିନାୟକ ଟିମ୍ ଇଣ୍ଡିଆର ଘାତକ ବୋଲୀ ମହମ୍ମଦ ସିରାଜ କିନ୍ତୁ ପ୍ରଥମରୁ ବିଫଳ ନଜର ଆସିଛନ୍ତି । ସେ କୌଣସି ୱିକେଟ୍ ପାଇ ନଥିବାବେଳେ ଅନିକେତ ରେଡ୍ଡୀଙ୍କ ୫ ୱିକେଟ୍ ପ୍ରଦର୍ଶନ ବଳରେ ହାଇଦ୍ରାବାଦ ତ୍ରିପୁରାକୁ ୧୩୪ ରନ୍ରେ ଅଲଆଉଟ୍ କରିବାରେ ସକ୍ଷମ ହୋଇଛି । ସେପଟେ ଚଳିତ ସିଜିନ ଆରମ୍ଭରୁ ବହୁ ବଡ଼ ବଡ଼ ଖେଳାଳିଙ୍କ ମଧ୍ୟ ନିରାଶ ହେବାକୁ ପଡ଼ିଛି । କର୍ଣ୍ଣାଟକ ପକ୍ଷରୁ ଖେଳୁଥିବା କେ.ଏଲ୍. ରାହୁଲ, ମୟଙ୍କ ଅଗ୍ରୱାଲ ଏବଂ କରୁଣ ନାୟର ପ୍ରଥମ ପାଳିରେ ବଡ଼ ସ୍କୋର କରିପାରିନାହାନ୍ତି । ମୁମ୍ବାଇ ପକ୍ଷରୁ ଖେଳୁଥିବା ସର୍ଫରାଜ ଖାନଙ୍କ ଭାଇ ମୁଷୀର ଖାନ ଏକ ଦମଦାର ଅର୍ଦ୍ଧଶତକ ହାସଲ କରିଛନ୍ତି । ରଣଜୀ ଟ୍ରଫିର ଏହି ପ୍ରାରମ୍ଭିକ ପର୍ଯ୍ୟାୟ ମ୍ୟାଚ୍ ଗୁଡ଼ିକ ଆଗକୁ ଆହୁରି ରୋମାଞ୍ଚକର ହେବ ବୋଲି ଆଶା କରାଯାଉଛି । ଆଶା କରାଯାଉଛି କି, ପରବର୍ତ୍ତୀ ସମୟରେ ଅନ୍ୟମାନେ ଦମଦାର ଫର୍ମରେ ନଜର ଆସିପାରନ୍ତି ।

# ପୁଣି ମୁମ୍ବାଇର ଅଧିନାୟକ ହେବେ ରୋହିତ ଶର୍ମା !

ମୁମ୍ବାଇ: ଆଇପିଏଲ୍ ୨୦୨୭ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ପଦକୁ ନେଇ କ୍ରିକେଟ୍ ମହଲରେ ଚର୍ଚ୍ଚା ଜୋର ଧରିଛି। ଦଳର ପୂର୍ବତନ ଅଧିନାୟକ ତଥା ହିଟ୍‌ମ୍ୟାନ୍ ରୋହିତ ଶର୍ମା ପୁଣି ନେତୃତ୍ୱ ଦାୟିତ୍ୱକୁ ଫେରିପାରନ୍ତି ବୋଲି ଆଲୋଚନା ହେଉଛି। ତେବେ ରୋହିତଙ୍କୁ ପୁଣି ଅଧିନାୟକ କରିବା ନେଇ ମୁମ୍ବାଇ ଫ୍ରାଞ୍ଚାଇଜି ପକ୍ଷରୁ କୌଣସି ଆଧିକାରିକ ଘୋଷଣା କରାଯାଇନାହିଁ। ରୋହିତ ଶର୍ମାଙ୍କ ନେତୃତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ୨୦୧୩, ୨୦୧୫, ୨୦୧୭, ୨୦୧୯ ଓ ୨୦୨୦ରେ ଆଇପିଏଲ୍ ଚାମ୍ପିୟନ୍ ହୋଇଥିଲା। ଏହି ସଫଳତା ଯୋଗୁଁ ରୋହିତ ମୁମ୍ବାଇ ଇଣ୍ଡିଆନ୍ସର ସବୁଠାରୁ ସଫଳ ଅଧିନାୟକଙ୍କ ମଧ୍ୟରେ ଅନ୍ୟତମ। କିନ୍ତୁ ୨୦୨୪ ଆଇପିଏଲ୍ ସିଜନ୍ ପୂର୍ବରୁ ଦଳ ତାଙ୍କ ସ୍ଥାନରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅଧିନାୟକ ଦାୟିତ୍ୱ ଦେଇଥିଲା। ହାର୍ଦ୍ଦିକଙ୍କ ନେତୃତ୍ୱରେ ୨୦୨୪ ସିଜନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଆଶାନୁରୂପ ପ୍ରଦର୍ଶନ କରିପାରି ନଥିଲା। ତେବେ ୨୦୨୫ ସିଜନ୍‌ରେ ଦଳ ପ୍ଲେଅଫ୍‌କୁ ଫେରିଥିଲେ ମଧ୍ୟ ଚାମ୍ପିୟନ୍ ହେବାରେ ସଫଳ ହୋଇନଥିଲା। ଏହି ପରିସ୍ଥିତିରେ ଦଳର ନେତୃତ୍ୱକୁ ନେଇ ପୁଣି ଥରେ ଆଲୋଚନା ଆରମ୍ଭ ହୋଇଛି। ଅଭିଜ୍ଞ ରୋହିତଙ୍କୁ ଅଧିନାୟକ ପଦକୁ ଫେରାଇ ଆଣିବା ଦଳ ପାଇଁ ଲାଭଦାୟକ ହେବ କି ନାହିଁ, ତାହାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ମତଭେଦ ରହିଛି।

## ଶୀଘ୍ର ସଂଗ୍ରହ କରି ନିଅନ୍ତୁ

ଶାରଦୀୟ ବିଶେଷାଙ୍କ

ଝଙ୍କାର




ମୂଲ୍ୟ:୧୭୫ ଟଙ୍କା ମାତ୍ର

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Kataka - 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583